ମାତଃ ଦୁର୍ଗେ ! ସ୍ୱାର୍ଥ, ଭୟ, କ୍ଷୁଦ୍ରାଶୟତାରେ ମ୍ରିୟମାଣ ଭାରତ । ଆମମାନଙ୍କୁ ମହତ୍ କର । ମହତ୍ ପ୍ରୟାସୀ କର । ଉଦାରଚେତା କର । ସତ୍ୟ ସଙ୍କଳ୍ପ କର – ଯେପରି ଆଉ ଅଳ୍ପାଶୀ, ନିଶ୍ଚେଷ୍ଟ, ଅଳସ ଭୟଭୀତ ନ ହେଉ । –ଶ୍ରୀଅରବିନ୍ଦ



# ବିପଦରେ ହିମାଳୟ

ଉତ୍ତରାଖଣ୍ଡର ୨୦୧୩ କେଦାରନାଥ ବିପର୍ଯ୍ୟୟ ପରେ ଏବେ ନନ୍ଦାଦେବୀ ପର୍ବତର ହିମସ୍ଖଳନ ଆମକୁ ଚେତାଇ ଦେଇଛି ଯେ ହିମାଳୟ ପରିବେଶଜନିତ ସଙ୍କଟ ଭିତରକୁ ଠେଲି ହୋଇଯାଉଛି। ବିରାଟ ହିମଖଣ୍ଡ ଧସି ଚାମୋଲି ଜିଲାର ଋଷିଗଙ୍ଗା ଓ ଧଉଳିଗଙ୍ଗାରେ ଯେଭଳି ବିପ୍ରାତ ଆଣିଲା ତାହାର ମୁଖ୍ୟ କାରଣ ହେଉଛି ଜଳବାୟୁ ପରିବର୍ତ୍ତନ । ଏଥିରେ ୩୧ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଆହୁରି ଅନେକ ଏ ପର୍ଯ୍ୟନ୍ତ ନିଖୋଜ ଅଛନ୍ତି। ସେଠାରେ କାର୍ଯ୍ୟରତ ତପୋବନ ଜଳବିଦ୍ୟୁତ୍ ପ୍ରକଳ୍ପ ସମ୍ପୂର୍ଣ୍ଣ ଭାବେ ମାଟିରେ ମିଶିଯାଇଛି। ହିମାଳୟ ପର୍ବତାଞ୍ଚଳରେ ଜଳବିଦ୍ୟୁତ ଉତ୍ପାଦନ ଲକ୍ଷ୍ୟରେ ଡ୍ୟାମ ନିର୍ମାଣ ପାଇଁ ଭାରତ ସରକାର ବିପୁଳ ଅର୍ଥ ଲଗାଇଛନ୍ତି। ଏଭଳି ବିପର୍ଯ୍ୟୟ ସମୟ ବ୍ୟବଧାନରେ ଲାଗି ରହିବାର କାରଣ କେହି ବୁଝିବାକୁ ଚେଷ୍ଟା କରୁନାହାନ୍ତି। କେବଳ ବିକାଶ ନାମରେ ସବୁ ପ୍ରାକୃତିକ ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବା ପାଇଁ ଯେଉଁ ଚେଷ୍ଟା କରାଯାଉଛି, ତାହାର କୁପ୍ରଭାବ ସମ୍ପର୍କରେ ଗବେଷଣା କରାଯାଉଥିଲେ ମଧ୍ୟ ସରକାରୀ ଏବଂ ବ୍ୟବସାୟିକ ସ୍ୱାର୍ଥ ଅଧିକ ଶକ୍ତିଶାଳୀ ହୋଇପଡୁଛି। ଏକ ସୂଚନା ଅଧିକାର ଆଇନ ବଳରେ ମିଳିଥିବା ଉତ୍ତରରୁ ଜଣାପଡିଛି ଯେ, କେବଳ ଉତ୍ତରାଖଣ୍ଡରେ ୫୫୦ଟି ମଧ୍ୟମ ଓ ବଡ଼ ଡ୍ୟାମ ଗଢ଼ିବାର ଯୋଜନା ରହିଛି। ତନ୍ମଧ୍ୟରୁ ହାରାହାରି ୩୦୦ଟି ପ୍ରକଳ୍ପର କାର୍ଯ୍ୟ ଏବେ ଲାଗି ରହିଛି। ଏହିସବୁ ପ୍ରକଳ୍ପ ନିର୍ମାଣ ପାଇଁ ଅନେକ ପାହାଡ଼କୁ ଡାଇନାମାଇଟ ଲଗାଇ ଭାଙ୍ଗିବା ସହିତ ଅନେକ ଲକ୍ଷ ଗଛ ମଧ୍ୟ କଟାଯାଉଛି। ହିମାଳୟ ଅଞ୍ଚଳ ଜୈବବିବିଧତାପୂର୍ଣ୍ଣ ଅଞ୍ଚଳ। ଏଭଳି ପ୍ରକଳ୍ପ ଯୋଗୁ ପରିବେଶ ଧ୍ୱଂସ ହେବା ସହିତ ସ୍ଥାନୀୟ ଗ୍ରାମବାସୀଙ୍କ ଜୀବିକା ମଧ୍ୟ ନଷ୍ଟ ହୋଇଯାଉଛି। ଏହା ବ୍ୟତୀତ ହିମାଳୟ ଅଞ୍ଚଳ ଭୂମିକମ୍ପପ୍ରବଣ ଅଞ୍ଚଳ ଭାବେ ଜଣାଶୁଣା । ଯେତେବେଳେ ବିରାଟକାୟ ପାହାଡକୁ ଭାଙ୍ଗି ଶହ ଶହ ଜଳଭଣ୍ଡାର ସୃଷ୍ଟି କରିବା ପାଇଁ ଡାଇନାମାଇଟ ଫୁଟୁଛି ତାହାର ପ୍ରଭାବ କେବଳ ସେହି ଅଞ୍ଚଳରେ ସୀମିତ ରହୁନାହିଁ। ଆଗାମୀ ଦଶନ୍ଧି ମଧ୍ୟରେ ଭାରତ ସରକାରଙ୍କ ଦ୍ୱାରା ଯେଉଁସବୁ ଜଳବିଦ୍ୟୁତ୍ ପ୍ରକଳ୍ପର ଯୋଜନା ରହିଛି ତାହା କାର୍ଯ୍ୟକାରୀ ହେଲେ ଭାରତ ଅଧୀନରେ ଥିବା ହିମାଳୟ ଅଞ୍ଚଳରେ ପ୍ରତ୍ୟେକ ୩୨ କିଲୋମିଟରରେ ଗୋଟିଏ ଡ୍ୟାମ୍ ରହିବ। ତାହାହେଲେ ଏହି ଅଞ୍ଚଳ ବିଶ୍ୱର ସର୍ବାଧିକ ଜଳବିଦ୍ୟୁତ ପ୍ରକଳ୍ପ ଅଞ୍ଚଳ ହୋଇଯିବ। ବିଶ୍ୱତାପନ ଓ ପରିବେଶ ସନ୍ତୁଳନ ପ୍ରତି ଧ୍ୟାନ ଦିଆ ନ ଗଲେ ଡ୍ୟାମ୍ ନିର୍ମାଣର ସବୁ ଯୋଜନା ଯେ ଧରାଶାୟୀ ହୋଇଯିବ ଏଥିରେ କୌଣସି ସନ୍ଦେହ ନାହିଁ।

ଶକ୍ତି ଚାହିଦା ମେଣ୍ଟାଇବା ଲାଗି ଡ୍ୟାମ୍ ନିର୍ମାଣ ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି, ଅପରପକ୍ଷେ ଏହା ପରିବେଶକୁ ନଷ୍ଟ କରୁଛି। ଡ୍ୟାମ୍ ନିର୍ମାଣ ଯୋଜନାରେ ୬୬୦ ବର୍ଗ ମାଇଲ ଜଙ୍ଗଲ ହିମାଳୟରୁ ନଷ୍ଟ ହେବ ବୋଲି ଆକଳନ କରାଯାଇଛି। ଜଣାପଡିଛି ଯେ, ଡ୍ୟାମ୍ ତଥା ପ୍ରତିରକ୍ଷା ଲାଗି ହିମାଳୟ ପର୍ବତାଞ୍ଚଳରେ ବିଭିନ୍ନ ଦେଶ ୧୯୬୦ରୁ ୧୯୮୦ ମଧ୍ୟରେ ୬,୨୦୦ ମାଇଲ ରାସ୍ତା ନିର୍ମାଣ କରିସାରିଛନ୍ତି ଓ ଏବେ ଏହା ପ୍ରତିଯୋଗିତାମୁଖୀ ହେବା ଲକ୍ଷ୍ୟ କରାଯାଉଛି। ଯଦି ବିଶ୍ୱତାପନର କାରଣ ପାଲଟୁଥିବା ଜୈବଇନ୍ଧନର ବ୍ୟବହାର ସହ ଅନ୍ୟ କାରଣଗୁଡ଼ିକୁ ନିୟନ୍ତ୍ରଣ କରା ନ ଯାଏ, ତେବେ ଯେଉଁ ବେଗରେ ଗ୍ଲେସିୟର ତରଳୁଛି ତାହା ଆଗକୁ ୧.୬ ଗୁଣ ବଢ଼ିଯିବ। ଏହାଦ୍ୱାରା ଗ୍ଲେସିୟର ଲେକ୍ ସୃଷ୍ଟି ହେବ ଓ ସମୟକ୍ରମେ ତାହା ଧସି ଅପ୍ରତ୍ୟାଶିତ ଭାବେ ବନ୍ୟା ବିପ୍ରାତ ଆଣିବ, ଯାହା ଘଟିଲା ଉତ୍ତରାଖଣ୍ଡରେ। ଇଣ୍ଟରନ୍ୟାଶନାଲ ସେଣ୍ଟର ଫର୍ ଇଣ୍ଟିଗ୍ରେଟେଡ ମାଉଣ୍ଟେନ ଡେଭଲପ୍‌ମେଣ୍ଟ ଆକଳନ ଅନୁଯାୟୀ ୨୦୩୫ ସୁଦ୍ଧା ହିମାଳୟର ବହୁ ଗ୍ଲେସିୟର ବରଫଶୂନ୍ୟ ହେବା ସହ ଏହି ଶତାବ୍ଦୀ ମଧ୍ୟରେ ହିମାଳୟ ବି ଗ୍ଲେସିୟର ଶୂନ୍ୟ ହୋଇଯିବ। ମେରୁ ଅଞ୍ଚଳ ଏବଂ ଆଣ୍ଟାର୍କଟିକା ପରେ ଅଧିକ ବରଫ ଜମା ହୋଇଛି ହିମାଳୟରେ। ଦୀର୍ଘ ୪୦ ବର୍ଷର ସାଟେଲାଇଟ୍ ଛବିର ଅନୁଧ୍ୟାନ କରି ସାଇନ୍ସ ଆଡଭାନ୍‌ସେସ୍ ନାମକ ପତ୍ରିକାରେ ବାହାରିଥିବା ତଥ୍ୟ ଅନୁଯାୟୀ ହିମାଳୟର ଗ୍ଲେସିୟର ପ୍ରତ୍ୟେକ ବର୍ଷ ଦେଢ଼ଫୁଟ ବରଫ ହରାଉଛି। ଅଧିକ ଗ୍ଲେସିୟର ଲେକ୍ ବା ହ୍ରଦ ବି ସୃଷ୍ଟି ହୋଇଛି। ଇଣ୍ଟରନ୍ୟାଶନାଲ ରିଭର୍ସ ନେଟ୍‌ୱର୍କ ନାମକ ଏକ ଅନ୍ତର୍ଜାତୀୟ ସଂଗଠନର କହିବା ଅନୁଯାୟୀ ହିମାଳୟ ଅଞ୍ଚଳରେ ଶତାଧିକ ଡ୍ୟାମ୍ ନିର୍ମାଣ କରାଯାଉଛି। ଏହି କାର୍ଯ୍ୟ ମୁଖ୍ୟତଃ ଭାରତ, ନେପାଳ, ପାକିସ୍ତାନ ଏବଂ ଭୁଟାନ ଦ୍ୱାରା କରାଯାଉଥିବାରୁ ତାହାର ଉଚିତ ଅନୁଧ୍ୟାନ କରାଯାଉନାହିଁ। ଏ ସବୁର ମୁଖ୍ୟ କାରଣ ହେଉଛି,ଏହି ୪ଟି ଦେଶର ସରକାରଙ୍କ ପାଇଁ ପରିବେଶ ସୁରକ୍ଷା କୌଣସି ଗୁରୁତ୍ୱ ଧାରଣ କରେନାହିଁ। ଫଳସ୍ୱରୂପ ଦୀର୍ଘମିଆଦୀ ପରିବେଶ କ୍ଷତି ସହିତ ସ୍ଥାନୀୟ ଲୋକଙ୍କର ବଞ୍ଚିରହିବା ମଧ୍ୟ ବିପଜ୍ଜନକ ହୋଇପଡୁଛି। ୨୦୧୩ ମସିହାରେ ଭାରତ ସରକାରଙ୍କ ତରଫରୁ କେତେକ ତତ୍ପରତା ଦେଖାଯାଇଥିଲା। ଆଜି ସେହି ଆଭିମୁଖ୍ୟ ନ ଥିଲା ଭଳି ଜଣାପଡୁଛି। ନ୍ୟାଶନାଲ ଡିଜାଷ୍ଟର ମ୍ୟାନେଜ୍‌ମେଣ୍ଟ ଅଥରିଟି ବା ଜାତୀୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ (ଏନ୍‌ଡିଏମ୍‌ଏ) ହିମାଳୟରେ ଘଟିଚାଲିଥିବା ବିପର୍ଯ୍ୟୟକୁ ଦୃଷ୍ଟିରେ ରଖି ଗ୍ଲେସିୟର ଲେକ୍ ଆଉଟ୍‌ବ୍ରଷ୍ଟ ଫ୍ଲଡ୍ (ଜିଏଲ୍‌ଓଏଫ୍)ଗୁଡ଼ିକୁ କିଭଳି ନିୟନ୍ତ୍ରଣ କରାଯାଇପାରିବ, ସେ ସମ୍ପର୍କରେ ଅକ୍ଟୋବର ୨୦୨୦ରେ ଏକ ଗାଇଡ୍‌ଲାଇନ ଜାରି କରିଥିଲା। ଏହି ସବୁ ହ୍ରଦକୁ ଚିହ୍ନଟ କରି ସେଗୁଡ଼ିକ କେଉଁ ସ୍ଥିତିରେ ରହିଛନ୍ତି, ତା'ଉପରେ ଅନୁଧ୍ୟାନ କରିବା ଲାଗି ଏଥିରେ ଗୁରୁତ୍ୱ ଦିଆଯାଇଥିଲା। ହଠାତ୍ ହିମସ୍ଖଳନ ଯୋଗୁ ଜନଜୀବନ କ୍ଷତିକୁ ଦୂରେଇବା ଲାଗି ଏଭଳି ଗାଇଡ୍‌ଲାଇନ ଜାରି କରାଯାଇଥିଲା। ଏହାବାଦ ଜଳବାୟୁ ପରିବର୍ତ୍ତନ ନିର୍ଦ୍ଦେଶାଳୟ, କେନ୍ଦ୍ର ଜଳ କମିଶନ ଏବଂ ନ୍ୟାଶନାଲ ରିମୋଟ ସେନ୍‌ସିଂ କେନ୍ଦ୍ରର ମିଳିତ ସହଯୋଗରେ ଗ୍ଲେସିୟର ଲେକ୍ ବା ଜଳ ଉତ୍ସକୁ ଚିହ୍ନଟ କରି ତା ଉପରେ ସମୀକ୍ଷା କରିବା ଲାଗି ୨୦୧୧–୧୫ ମଧ୍ୟରେ ମଧ୍ୟ ଅନୁଧ୍ୟାନ କରାଯାଇଥିଲା। ଏହିସବୁ କମିଟି ଦ୍ୱାରା କରାଯାଇଥିବା ଅନୁଧ୍ୟାନରୁ ଜଣାପଡୁଛି ଯେ, ଗୁଡାଏ ଲୋକ ବିଭିନ୍ନ ପଦପଦବୀରେ ଥଇଥାନ ହୋଇଥିବାବେଳେ ଅନୁଧ୍ୟାନର ଦ୍ୱାହି ଦେଇ ଦରମା ନେବାରେ ହେଳା କରିନାହାନ୍ତି। କିନ୍ତୁ ହିମାଳୟ ଅଞ୍ଚଳରେ ପରିବେଶ ସୁରକ୍ଷା ପ୍ରତି ଭାରତ ସରକାରଙ୍କର କୌଣସି ଆନ୍ତରିକତା ଅଛି ବୋଲି ମନେ ହେଉନାହିଁ। ଏଭଳି ହେଳା ଜାରି ରଖିଲେ ହିମାଳୟ ଅଞ୍ଚଳରେ ଆହୁରି ଅନେକ ଦୁର୍ଘଟଣା ଘଟିବା ନିଶ୍ଚିତ ବୋଲି କୁହାଯାଇ ପାରିବ।

# ବିଜ୍ଞାନ ଓ ଈଶ୍ୱର



ଉପେନ୍ଦ୍ର ବିଶ୍ୱାଳ

ଆଲେଖ୍ୟଟିକୁ ଆରମ୍ଭ କରିବା, ବିଶ୍ୱକବିଙ୍କ ବିଶ୍ୱାସ ଏବଂ ତତ୍‌ସଂକ୍ରାନ୍ତ ଗୋଟେ ଘଟଣାରୁ। ଏକଦା ରବୀନ୍ଦ୍ରନାଥ ଟାଗୋରଙ୍କ ମୁଣ୍ଡବିନ୍ଧାର କାରଣ ଥିଲେ ପାଖ ଇଲାକାରେ ରହୁଥିବା ଜଣେ ନାସ୍ତିକ। ବିଶ୍ୱକବିଙ୍କର ଭଗବାନଙ୍କ ପ୍ରତି ଭକ୍ତିଭାବ ଏବଂ ତଜ୍ଜନିତ ଈଶ୍ୱରଙ୍କ ପ୍ରତି ତାଙ୍କର ସମର୍ପିତ କବିତା, ଅତ୍ୟନ୍ତ ଅସହ୍ୟବୋଧ ହେଉଥିଲା ସେହି ଭଦ୍ରବ୍ୟକ୍ତିଙ୍କୁ। ଏପରି କି, ଶ୍ରୀ ଠାକୁରଙ୍କୁ ଅନେକ ସମୟରେ କଟାକ୍ଷ କରିବାକୁ ବି ପଛାଉ ନ ଥିଲେ ସେ। ପରିହାସ କରି ପଚାରନ୍ତି – ''ଈଶ୍ୱରଙ୍କୁ ତୁମେ କେବେ ଦେଖିଛ ? ଯଦି କେବେ ଦେଖିନାହଁ, ତେବେ ତାଙ୍କର ପ୍ରଶସ୍ତି ଗାନ/ରଚନା କରିଚାଲିଛ କେମିତି? ଏହା କ'ଣ ପ୍ରବଞ୍ଚନା ନୁହଁ କି?'' ଏଭଳି ବ୍ୟକ୍ତିମାନଙ୍କ ସହିତ କିଛି ଯୁକ୍ତି ନ କରି ନିରୁତ୍ତର ରହିବାକୁ ଉଚିତ ମଣୁଥିଲେ ଶ୍ରୀ ଠାକୁର। ବିଶ୍ୱଗୁରୁଙ୍କ ନୋବେଲ ପୁରସ୍କାରପ୍ରାପ୍ତିରେ ସାରା ଦେଶ ଆତ୍ମହରା ହୋଇ ଉଠୁଥିଲା ବେଳେ ସେ କିନ୍ତୁ ତାଚ୍ଛଲ୍ୟ କରିବାକୁ ପଛାଉ ନ ଥିଲେ– ଯାହା ହେଉ, ମିଛ ସତ୍ତାକୁ ତୁଚ୍ଛାଟାରେ ପ୍ରଶଂସା କରି ଏତେ ବଡ଼ ପୁରସ୍କାର ଟିଏ ବି ହାତେଇ ନେଲ? ଏହିପରି ଭାବରେ, ସାମାନ୍ୟ ଜ୍ଞାନ ବଳରେ ନିଜକୁ ଜଣେ ଜଣେ ଜ୍ଞାନୀ ବା ବିଜ୍ଞାନୀ ବୋଲି ବିଚାରୁଥିବା ଆମେ ମୂଢମତିମାନେ କେମିତି ବା ବିଶ୍ୱାସ କରନ୍ତେ ଭଗବାନଙ୍କ ଅଦୃଶ୍ୟ ସତ୍ତାକୁ। ଭୌତିକ ବିକାଶରେ ବିଭୋର ବ୍ୟକ୍ତି, ବିଜ୍ଞାନର ସାମାନ୍ୟ ବରଦାନକୁ ଦେଖି ଭୁଲିଯାଏ ଭଗବାନଙ୍କୁ। କିନ୍ତୁ ଏତାଦୃଶ ଭୌତିକ ବିକାଶର ଯେଉଁମାନେ ଅସଲ ବିଧାଣୀ, ସେହି ବିଶ୍ୱକର୍ମାଙ୍କର ଈଶ୍ୱର ବିଶ୍ୱାସ ଦେଖିଲେ, ଅଜ୍ଞତା ଆଚ୍ଛନ୍ନ ଏହି ମଣିଷମାନଙ୍କ ପ୍ରତି ଦୟାଭାବ ଜାତ ହୁଏ। ଆସନ୍ତୁ ଜାଣିବା ଏମିତି କେତେକ ବରେଣ୍ୟ ବୈଜ୍ଞାନିକଙ୍କୁ, ଯେଉଁମାନଙ୍କ ଚିନ୍ତା ଓ ଚେତନା, ବିଶ୍ୱାସ ଓ ଭାବନା, କର୍ମ – ଧର୍ମରେ ସର୍ବବ୍ୟାପୀ, ସର୍ବଶକ୍ତିମାନ ସେହି ଅଦୃଶ୍ୟ ସତ୍ତାଙ୍କର ଉପସ୍ଥିତିକୁ କେବଳ ଅନୁଭବ କରି ନ ଥିଲେ ବରଂ ମୁକ୍ତକଣ୍ଠରେ ଘୋଷଣା ବି କରି ଯାଇଛନ୍ତି।

ବିବର୍ତ୍ତନବାଦର ଜନକ, ବିଶିଷ୍ଟ ବୈଜ୍ଞାନିକ ଚାର୍ଲ୍ସ ଦାରୁଇନଙ୍କ ମତରେ ''ଈଶ୍ୱରଙ୍କ ଅସ୍ତିତ୍ୱକୁ ମୁଁ କେବେ ଅବଜ୍ଞା କରିନାହିଁ। ମୋ ବିଚାରରେ ବିବର୍ତ୍ତନ ଧାରା ପଛରେ ଭଗବାନଙ୍କ ଇଚ୍ଛା ନିହିତ। ଈଶ୍ୱରଙ୍କ ଅସ୍ତିତ୍ୱ ସମ୍ବନ୍ଧେ ଦୃଢ଼ ଯୁକ୍ତି ହେଉଛି – ଅପରିମିତ, ମହିମାନ୍ୱିତ, ବିଶାଳକାୟ ଏହି ବ୍ରହ୍ମାଣ୍ଡ ; ଯାହାକୁ କଳନା କରିବା, ଆମ ପରି ସାମାନ୍ୟ ମଣିଷ ପକ୍ଷେ ଅସମ୍ଭବ।'' ପ୍ରସଙ୍ଗକ୍ରମେ ଏଠାରେ ଉଲ୍ଲେଖ କରିବା ଉଚିତ ହେବ ଯେ ଦାରୁଇନଙ୍କ ବିବର୍ତ୍ତନବାଦ ତ ଭାରତୀୟ ଦର୍ଶନ ଆଧାରିତ ବିବର୍ତ୍ତନ ଧାରାକୁ ହିଁ ଇଙ୍ଗିତ କରିଥାଏ। ତାଙ୍କ ମତରେ ମଣିଷର କ୍ରମ ବିକାଶର ଧାରା ଜଳରୁ ହିଁ ଆରମ୍ଭ। ସର୍ବ ପ୍ରଥମେ ଜଳଚର ଜୀବ, ତା'ପରେ ଉଭୟଚର ଓ ସ୍ଥଳଚର ଜୀବ ଏବଂ ପରେ ପରେ କ୍ରମବିକାଶ ହୋଇ ପୂର୍ଣ୍ଣାଙ୍ଗ ମଣିଷରେ ପରିଣତ ହୋଇଛି। ଆମ ଦର୍ଶନର ଦଶାବତାର ମଧ୍ୟ ସେହିଭଳି ବର୍ଣ୍ଣନା କରେ, ଆମର କ୍ରମ ପରିବର୍ତ୍ତନର ଧାରାକୁ। ପ୍ରଥମେ ମତ୍ସ୍ୟ ଅବତାର (ଜଳଚର), ୨ୟରେ କଚ୍ଛପ (ଉଭୟଚର), ୩ୟରେ ବରାହ(ସ୍ଥଳଚର), ୪ର୍ଥ ରେ ନୃସିଂହ (ପଶୁ ଓ ମଣିଷ ମିଶ୍ରିତ ଅବୟବ), ୫ମରେ ବାମନ(ସାମାନ୍ୟ ଅବୟବଧାରୀ ମାନବ), ୬ଷ୍ଠରେ ପର୍ଶୁରାମ (ହିଂସ୍ର ମାନବ), ୭ମରେ ଶ୍ରୀରାମ (ପୂର୍ଣ୍ଣ ମର୍ଯ୍ୟାଦାର ଚେତନଶୀଳ ମାନବ), ୮ମରେ ଶ୍ରୀକୃଷ୍ଣ (କଳି ବା କଳୁଷ ଆକ୍ରାନ୍ତ ଦୁନିଆରେ ସତ୍ୟ ଓ ଧର୍ମର ପ୍ରତିଷ୍ଠା ପାଇଁ ସଂଘର୍ଷରତ ମଣିଷ), ୯ମରେ ବୁଦ୍ଧ (ସମ୍ପୂର୍ଣ୍ଣ ଦୁନିଆକୁ କଳି କବ୍‌ଜା ନ କରୁ, ଏହି ଲକ୍ଷରେ ସତ୍ୟ, ଧର୍ମ ଓ ଶାନ୍ତିର ବାର୍ତ୍ତା ବାହକ) ଏବଂ ଶେଷରେ କଳ୍କୀ ଅବତାର (ସମ୍ପୂର୍ଣ୍ଣ ଭାବେ କଳିର କବ୍‌ଜାରେ ଥିବା ଦୁନିଆର ଶେଷ ନିର୍ଯାସର ପ୍ରତୀକ)।

ଭେଷଜ ବିଜ୍ଞାନ ଓ ଶରୀର ତତ୍ତ୍ୱର ଗବେଷକ, ନୋବେଲ ପୁରସ୍କାରପ୍ରାପ୍ତ ୱେର୍ଣ୍ଣର ଆର୍ବରଙ୍କ ମତରେ ''ଯଦିଓ ମୁଁ ଜଣେ ଜୀବ ବିଜ୍ଞାନୀ, ତଥାପି ମୁଁ ଜାଣିପାରୁନାହିଁ 'ଜୀବନ' କିପରି ସୃଷ୍ଟି ହେଲା। ନିଃସନ୍ଦେହରେ ମୁଁ ମୋର ଏହି ଅଜ୍ଞତାକୁ ସ୍ୱୀକାର କରି ନେଉଛି। ଜଣେ କେହି ସ୍ରଷ୍ଟା ଏହା ପଛରେ ଥିବାର ପ୍ରତୀୟମାନ ହୁଏ।'' ବିଶିଷ୍ଟ ବିଜ୍ଞାନୀ ନିଲସ ବୋରଙ୍କ ମତରେ ''ପଦାର୍ଥ ବିଜ୍ଞାନ ଓ ରସାୟନ ବିଜ୍ଞାନରେ 'ଚେତନା' ତତ୍ତ୍ୱର କୌଣସି ସନ୍ଧାନ ମିଳେ ନାହିଁ। ତଥାପି ଆମେ ଜାଣୁ ଯେ, 'ଚେତନା' ବୋଲି କିଛି ଗୋଟିଏ ଅଛି, ଯାହା କି ଆମେ ନିଜ ଭିତରେ ଧାରଣ କରିଥାଉ। ଏଣୁ ଚେତନା ମଧ୍ୟ ନିଶ୍ଚିତ ଭାବେ ପ୍ରକୃତିର ଏକ ଅଙ୍ଗ ହୋଇଥିବ। ଏ ସମ୍ବନ୍ଧେ ଗଭୀର ଅନୁଶୀଳନ ଲୋଡ଼ା। ନୋବେଲ ପୁରସ୍କାରପ୍ରାପ୍ତ ପଦାର୍ଥ ବିଜ୍ଞାନୀ ଚାର୍ଲସ ଟୋନ୍ସଙ୍କ କହିବା ଅନୁଯାୟୀ ''କେତେକ ବୈଜ୍ଞାନିକ କହନ୍ତି – 'ମୁଁ ଈଶ୍ୱର ବା ଧର୍ମରେ ବିଶ୍ୱାସ ସ୍ଥାପନ କରିପାରିବି ନାହିଁ।' ଯେବେ ତୁମେ ତାଙ୍କୁ ପ୍ରଶ୍ନ କର – 'ଆପଣ ଭାବୁଛନ୍ତି କି ଆପଣଙ୍କର ସ୍ୱାଧୀନ ଇଚ୍ଛାଶକ୍ତି ଅଛି, ଯେଉଁ ଦିଗକୁ ଇଚ୍ଛା କରିବେ ସେ ଦିଗରେ ବିକାଶ କରିପାରିବେ?' ସେମାନେ କିନ୍ତୁ ଏଥିରେ ସ୍ୱଷ୍ଟ ଉତ୍ତର ଦେଇପାରନ୍ତି ନାହିଁ। ମୁଁ କିନ୍ତୁ ମୋ ଚାରିପାଖେ ଜଣେ କେହି ସୃଷ୍ଟିକର୍ତ୍ତାଙ୍କ ଉପସ୍ଥିତି ଓ ହସ୍ତକ୍ଷେପକୁ ଅନୁଭବ କରେ।'' ବିଶ୍ୱ ବିଖ୍ୟାତ ବୈଜ୍ଞାନିକ ସାର୍ ଆଇଜାକ ନିଉଟନଙ୍କ ଭାଷାରେ ''ଏପରି ଏକ ସୁନ୍ଦର ସୃଷ୍ଟି ପଛରେ ଜଣେ ସର୍ବଶ୍ରେଷ୍ଠ ବିଜ୍ଞ ଓ ସର୍ବଶକ୍ତିମାନ ସତ୍ତା (ପରମାତ୍ମା)ଙ୍କର ହାତ ନିଶ୍ଚିତ ଅଛି। ଉପରୁ ଖସୁଥିବା ଉଲ୍‌କାର ଗତିକୁ ବରଂ ମାପିପାରିବି କିନ୍ତୁ ମଣିଷର ପାଗଳପଣକୁ (ନାସ୍ତିକତା ସମ୍ବନ୍ଧେ) କଦାପି ନୁହଁ।'' ଆମ ସମୟର ବିଶିଷ୍ଟ ବୈଜ୍ଞାନିକ ଭାରତ ରତ୍ନ ଅବଦୁଲ କଲାମଙ୍କ ସ୍ୱୀକାରୋକ୍ତି ହେଉଛି 'ଏଠି, ସେଠି, ସବୁଠି ଅଛନ୍ତି ଈଶ୍ୱର।' ବିଶିଷ୍ଟ ବୈଜ୍ଞାନିକ ଥମାସ ଆଲଫା ଏଡିସନଙ୍କ ଅନୁଯାୟୀ ''ଦୁନିଆର ପ୍ରତିଟି ସ୍ରଷ୍ଟା ବା ବିଧାଣୀଙ୍କ ପ୍ରତି ମୋର ଯଥେଷ୍ଟ ସମ୍ମାନବୋଧ ରହିଛି। ବିଶେଷକରି ଦୁନିଆର ଶ୍ରେଷ୍ଠ ସ୍ରଷ୍ଟା ଈଶ୍ୱରଙ୍କ ପ୍ରତି ତ ମୁଁ ଗଭୀର କୃତଜ୍ଞ।'' ନୋବେଲ ପୁରସ୍କାରପ୍ରାପ୍ତ ବିଶିଷ୍ଟ ବିଜ୍ଞାନୀ ମାର୍କୋନି ତ କହୁଥିଲେ ''ମୁଁ ପ୍ରଚଣ୍ଡ ଈଶ୍ୱର ବିଶ୍ୱାସୀ ବୋଲି ଗର୍ବର ସହିତ ନିଜକୁ ଘୋଷଣା କରେ। କେବଳ ଜଣେ କ୍ୟାଥୋଲିକ ଭାବେ ନୁହେଁ, ଜଣେ ବୈଜ୍ଞାନିକ ହିସାବରେ ମଧ୍ୟ ପ୍ରାର୍ଥନାର ଶକ୍ତି ଉପରେ ମୁଁ ବିଶ୍ୱାସ ରଖେ।'' ନୋବେଲ ପୁରସ୍କାରପ୍ରାପ୍ତ, ଅପାରମାଣିକ ତତ୍ତ୍ୱର ଜନକ, ମ୍ୟାକ୍ସ ପ୍ଲାଙ୍କ ମତ ହେଉଛି – ''ବ୍ରହ୍ମାଣ୍ଡର ଶୃଙ୍ଖଳା ଓ ଭଗବାନଙ୍କ ସହିତ ଜଡିତ ହେବାକୁ, ଆମକୁ କୌଣସି ପ୍ରକାର କେହି ପ୍ରତିରୋଧ କରେନି। ବରଂ ଆମ ଜ୍ଞାନର ବେଗବଳ ତାହା ଚାହିଁଥାଏ। ଈଶ୍ୱର ବିଶ୍ୱାସୀଙ୍କ ପାଇଁ ଡାକ ମାତ୍ରେ ହିଁ ସେ ଆସି ପହଞ୍ଚି ଯାଉଥିଲା ବେଳେ, ଆମପରି ବୈଜ୍ଞାନିକମାନଙ୍କ ପ୍ରାର୍ଥନା/ ଗବେଷଣା ଶେଷରେ ସେ ଆସି ପହଞ୍ଚନ୍ତି।''

ବିଶିଷ୍ଟ ରକେଟ ବିଜ୍ଞାନୀ ତଥା ମହାକାଶ ସ୍ଥପତି ବ୍ରାଉନ କହିଥିଲେ – ''ସବୁକିଛିର ଉପରେ ଭଗବାନଙ୍କ ଗରିମା ଅଛି, ଯିଏ ଏହି ବିଶ୍ୱ ବ୍ରହ୍ମାଣ୍ଡକୁ ଖୁବ୍ ସୁନ୍ଦର ଭାବେ ସଂରଚନା କରିଛନ୍ତି; ଯାହାକୁ ଜାଣିବାକୁ ବା କିଛି ଆବିଷ୍କାର କରିବାକୁ ବିଜ୍ଞାନ ଅହରହ ଉଦ୍ୟମ ଜାରି ରଖିଛି। ବିଶିଷ୍ଟ ଗଣିତଜ୍ଞ ତଥା ବୈଜ୍ଞାନିକ କାର୍ଲ ଫେଡରିଚ ଗସଙ୍କ କହିବା ଅନୁଯାୟୀ –''ଜୀବନର ପ୍ରତିଟି ଛନ୍ଦରେ ଯାହାଙ୍କ ଉଜ୍ଜ୍ୱଳ ଉପସ୍ଥିତି ଅନୁବାଦ କରୁଥିଲୁ, ଜୀବନର ଶେଷ ଘଣ୍ଟା ବାଜିଲେ, ସେହି ଲୀଳାମୟଙ୍କ ଦିବ୍ୟ ଦର୍ଶନରେ ଆମେ ବିଭୋର ହୋଇ ଉଠିବୁ।'' ପ୍ରଖ୍ୟାତ ରସାୟନ ବିଜ୍ଞାନୀ ଜୁଲିୟାସ ଲେବିଗଙ୍କ ମତରେ –''ପ୍ରକୃତି ହେଉଛି ବିରାଟ ପୁସ୍ତକଟିଏ। ଅପରିସୀମ ଜ୍ଞାନର ଗନ୍ତାଘର ଥିବା ପ୍ରକୃତିରୁ ଆମେ ପ୍ରଗାଢ଼ ଉଦ୍ୟୋଗ ବଳରେ ଯେବେ ସାମାନ୍ୟ କିଛି ଭେଦ ବା ରହସ୍ୟ ଜାଣିବାରେ ସକ୍ଷମ ହେଉ, ସେତେବେଳେ ସୃଷ୍ଟିକର୍ତ୍ତାଙ୍କ ମହାନତା ଓ କୁଶଳତା ସମ୍ବନ୍ଧେ ବୁଝାପଡେ । ମାର୍କୋନିଙ୍କ ପୂର୍ବରୁ ରେଡିଓ ତରଙ୍ଗର ଉଦ୍ଭାବକ, ଭାରତର ଯଶସ୍ୱୀ ବୈଜ୍ଞାନିକ,ଆଧ୍ୟାତ୍ମିକବାଦୀ ଜଗଦୀଶ ଚନ୍ଦ୍ର ବୋଷଙ୍କୁ ବିଶ୍ୱକବି ରବୀନ୍ଦ୍ର ନାଥ ଟାଗୋର 'ତପସ୍ୱୀ' ବୋଲି ସମ୍ବୋଧିତ କରୁଥିଲେ। ସେମିତି ବି ଶରୀର ତତ୍ତ୍ୱ ଉପରେ ନୋବେଲ ପୁରସ୍କାର ପାଇଥିବା ଭେଷଜ ବିଜ୍ଞାନୀ ଚାର୍ଲ୍ସ ରବର୍ଟ ରିଚେଟ ତ ପ୍ରଚଣ୍ଡ ଆଧ୍ୟାତ୍ମିକବାଦୀ ଥିଲେ, ଯିଏ କି ଅଧ୍ୟାତ୍ମ ବିଦ୍ୟାକୁ ମଧ୍ୟ ବିଜ୍ଞାନ ଭାବେ ସ୍ୱୀକୃତି ଦେବାକୁ ଦାବି କରୁଥିଲେ। ଆମର କଣାଦ, ଆର୍ଯ୍ୟଭଟ୍ଟ, ଚରକ, ଶୁଶ୍ରୁତ, ମହର୍ଷି ରମଣ, ବରାହ ମିହିର ପ୍ରମୁଖ ଆଧ୍ୟାତ୍ମିକତାର ଶିଖର ଛୁଇଁଥିବା ଭାରତର ଋଷିମାନେ ତ ଜଣେ ଜଣେ ସଫଳ ବିଜ୍ଞାନୀ ଥିଲେ।

ଅତଏବ, ଆମେ ସର୍ବଦା ସୃଷ୍ଟିର କଲ୍ୟାଣ ପାଇଁ ତାଙ୍କୁ ପ୍ରାର୍ଥନା କରିବା ଉଚିତ। କାରଣ, ଈଶ୍ୱରଙ୍କୁ ସ୍ୱୀକାର ଓ ତାଙ୍କ ଆଶୀର୍ବାଦ ବିନା ବିଜ୍ଞାନ ବି ବାଟବଣା ହେବା କିଛି ବିଚିତ୍ର ନୁହେଁ। ଏଇ ଯେମିତି, ସାମାନ୍ୟ ଭୂତାଣୁଟିଏ ବର୍ଷାଧିକ କାଳ ଆମ ବୁଦ୍ଧିବଣା କରି ଆମକୁ କନ୍ଦେଇ ଦେଲା। ସେଥିରୁ ବର୍ତ୍ତିବାକୁ ବିଜ୍ଞାନ ବି ବାଟ ପାଇଲା ନାହିଁ।

ଗୋଡିଶୂଳ, ସଜନାଗଡ଼, ବାଲେଶ୍ୱର
ମୋ– ୯୪୩୭୪୩୬୦୭୩
unbiswsl05@gmail.com

# ରାଜସ୍ଥାନ ପଲମରେ ଓଡ଼ିଶା ପିଠା



ଡ. ପ୍ରମୋଦ କୁମାର ପଣ୍ଡା

ହଁ ପାଠକ ବନ୍ଧୁ! ଶୀର୍ଷକଟି ଅଡୁଆ ଅଡୁଆ ଲାଗୁଥିଲେ ମଧ୍ୟ ନିରାଟ ସତକଥା। ଆଜି ଆମର ସ୍ଥିତି ଏହା ପାଖରେ ପହଞ୍ଚି ଯାଇଛି। ରାଜଧାନୀ ଭୁବନେଶ୍ୱରରେ ମାଳ ମାଳ ଲୋକ ମାଟି ପଲମ ରାସ୍ତା କଡ଼ରେ ବିକ୍ରି କରୁଛନ୍ତି। ଯଦି ସେ ବିକ୍ରେତାଙ୍କୁ ପଚାରିବେ, ତେବେ ସେମାନେ ସମସ୍ତେ କହିବେ ଆମେ ରାଜସ୍ଥାନରୁ ଆସି ବିକ୍ରି କରୁଛୁ। ବଡ଼ ଦୁଃଖ ଲାଗେ। ଆମ ରାଜ୍ୟ ଉତ୍କଳ–ଉତ୍କୃଷ୍ଟ କଳାର ରାଜ୍ୟ ଥିଲା। ଏଠି ନାନା ସୂକ୍ଷ୍ମାତିସୂକ୍ଷ୍ମ କାରିଗରି କାର୍ଯ୍ୟ କରାଯାଉଥିଲା। ଆମେ ମାଟିରେ ଦୀପ, ପଲମ, ହାଣ୍ଡି, ମାଠିଆ, କଳସୀ, କଳସ, ଘୁମ ଇତ୍ୟାଦି ଇତ୍ୟାଦି କ'ଣ ତିଆରି କରୁ ନ ଥିଲୁ। ମାତ୍ର ସମୟ ବଦଳି ଯାଇଛି। ଆମର କୁମ୍ଭାର ଭାଇ ହାତ ବାନ୍ଧି ବସିଛନ୍ତି। ହଜାର ହଜାର କିଲୋମିଟର ଦୂରରୁ ମାଟି ପଲମ ଆସି ଆମ ଦାଣ୍ଡ ଦୁଆରେ ବିକ୍ରି ହେଉଛି। ଏହି କିଛିଦିନ ହେବ ମାଟି ପତଲା ମଧ୍ୟ ଆଣି ବିକ୍ରି କଲେଣି। ଏହା ଧୀରେ ଧୀରେ ସହରରୁ ଆମ ଗ୍ରାମାଞ୍ଚଳକୁ ବ୍ୟାପିଯିବ । ଆମେ ଅନ୍ୟ ରାଜ୍ୟର ପ୍ରସ୍ତୁତ ସାମଗ୍ରୀ କିଣି ଚଳିବା। ଆମର ହସ୍ତଶିଳ୍ପ ଓ କୁଟୀରଶିଳ୍ପ ବନ୍ଦ ହୋଇଯିବ। ଆମ ଲୋକ ବେକାର ହୋଇ ବୁଲିବେ। ଧୀରେ ଧୀରେ ଦରିଦ୍ର ହେବେ। ବିପିଏଲ୍ ହେବା ପାଇଁ ପ୍ରତିଯୋଗିତା କରିବେ। ସରକାରଙ୍କର ମାଗଣା ଜିନିଷକୁ ଅନେଇ ବଞ୍ଚିବେ? ଦାରିଦ୍ର୍ୟ ବଢ଼ିଲେ ଅସାମାଜିକ କାର୍ଯ୍ୟକଳାପ ବଢ଼ି ଚାଲିବ। ସମାଜରେ ବିଶୃଙ୍ଖଳା ଓ ଅତ୍ୟାଚାର ବଢ଼ିବ। ନିଶାଦ୍ରବ୍ୟ କାରବାର ମଧ୍ୟ ବଢ଼ିଯିବ। ପରିଶେଷରେ ଓଡ଼ିଶା ସମୃଦ୍ଧିର ବିପରୀତ ଦିଗରେ ଗତିକରିବ। ହଁ! ପାଠକ ବନ୍ଧୁ! ଯୁବାଗୋଷ୍ଠୀ ପାଖରେ ଯଦି କର୍ମ ସଂସ୍ଥାନ ନ ରହିବ, ସେମାନେ କ'ଣ କରିବେ?

ଆମ ରାଜ୍ୟରେ ପ୍ରତିବର୍ଷ ୫.୫ ଲକ୍ଷ ପିଲା ଦଶମ ଶ୍ରେଣୀ ପରୀକ୍ଷା ଦିଅନ୍ତି। ଆମେ ସରକାରୀ ଓ ବେସରକାରୀ ସ୍ତରରେ ଅତି ବେଶିରେ ବର୍ଷକୁ ଏକ ଲକ୍ଷ ପିଲାଙ୍କୁ ରୋଜଗାର ଯୋଗାଇବାରେ ବି ସକ୍ଷମ ହୋଇ ନ ଥାନ୍ତି। ଯଦି ବି ଦେଇ ଦିଅନ୍ତି, ଆଉ ୪ ଲକ୍ଷ ପିଲା କରିବେ କ'ଣ? ଦୁଃଖ ଲାଗେ ଆମ ରାଜ୍ୟର ଗ୍ରାମାଞ୍ଚଳରେ ଥିବା ବଜାରରେ ବି ଉତ୍ତରପ୍ରଦେଶରୁ ଆସି ବାଦାମ ଭାଜି ବିକ୍ରି କଲେଣି। କିଛିଦିନ ତଳେ ନିଶ୍ଚିନ୍ତକୋଇଲି ବଜାରରେ ଜଣେ ଉତ୍ତରପ୍ରଦେଶର ମୁରଦାବାଦରୁ ଆସି ବାଦାମ ଭାଜି ବିକୁଥିବାର ଦୃଶ୍ୟ ମୋତେ ଯେତିକି ଆଶ୍ଚର୍ଯ୍ୟ ଲାଗୁଥିଲା ଦୁଃଖ ବି ତାଠୁ ଅଧିକ ଲାଗୁଥିଲା। ବାହାର ରାଜ୍ୟରୁ ଆସି ଏଠାରେ ସାଣ୍ଟାକ୍ଲଜ ବିକ୍ରିକରୁଛନ୍ତି। ଏଠି ବଜାରରେ ଗରମ ଗରମ ଜିଲାପି ବିକୁଛନ୍ତି ରାଜସ୍ଥାନରୁ ଆସି, ମାତ୍ର ଆମ ଓଡ଼ିଆ ଯୁବାଗୋଷ୍ଠୀ ମଦ ନିଶାରେ ମସ୍‌ଗୁଲ। ସେ ଆଜି ସମ୍ପୂର୍ଣ୍ଣ ଅଳସୁଆ ? ତାକୁ ମାଗଣା ଜିନିଷ ଦରକାର। ପରିଶ୍ରମ କରି ଟଙ୍କା ରୋଜଗାର କରିବାରେ ତା'ର ସ୍ପୃହା ନାହିଁ। ସେ ଖାଉଟି ହେବ କିମ୍ବା ଲାଞ୍ଚ ଦେଇ ସରକାରୀ ଚାକିରି କରିବ? ପ୍ରଶ୍ନ ଉଠେ ସୁଦୂର ରାଜସ୍ଥାନରୁ ଲୋକ ଆସି ଆମ ଏଠି ମାଟିର ପଲମ ଓ ପତଲା ବିକ୍ରି କରିପାରୁଛନ୍ତି, କିନ୍ତୁ ଆମର ଲୋକ ନିଜ ଜିନିଷ ନିଜ ରାଜ୍ୟରେ ବିକ୍ରି ପରିପାରୁନାହାନ୍ତି। ଏଥିପାଇଁ ମୋ ମତରେ ୨ ଜଣ ଦାୟୀ। ପ୍ରଥମତଃ ଜନସାଧାରଣ। ଜନସାଧାରଣ ଯଦି କିଛି କରିବାକୁ ଚାହିଁବେ ନାହିଁ, ତା' ହେଲେ କ'ଣ କରାଯିବ? ଦ୍ୱିତୀୟତଃ ସରକାର– ସରକାର ଲୋକ ବା ଜନସାଧାରଣଙ୍କୁ ମାଗଣା ବଣ୍ଟା ଦ୍ୱାରା ଅଳସୁଆ କରିଦେଲେ, ପୁଣି ସେ କର୍ମ କରି ଆଉ ଖାଇପାରିବେ ନାହିଁ। କଥାରେ ଅଛି ପରା, ଯେ ମାଗି ଖାଇଲାଣି ସେ କ'ଣ ନାଗି ଖାଇପାରିବ?

ଆମର ପ୍ରଶାସନକୁ ମଧ୍ୟ ଜଣାପଡିବା ଦରକାର ଯେ କେଉଁ କୁଟୀରଶିଳ୍ପ ପାଇଁ କି ପ୍ରକାର ଜ୍ଞାନକୌଶଳ ଉପଲବ୍ଧ କଲେ ତାହା ଉତ୍ପାଦନ ଖର୍ଚ୍ଚ ବି କମିପାରିବ, ଯାହାଦ୍ୱାରା ବଜାର ଚାହିଦା ବୃଦ୍ଧି ପାଇବ। ସେହିପରି ଆମର ହସ୍ତଶିଳ୍ପ ଉତ୍ପାଦିତ ସାମଗ୍ରୀକୁ ବାହାର ରାଜ୍ୟ ଓ ବିଦେଶରେ ବିକ୍ରି ପାଇଁ ବିଭିନ୍ନ ପ୍ରକାର ଭିତ୍ତିଭୂମି ବିକାଶର ଆବଶ୍ୟକତା ରହିଛି ; ଯାହା କି ଆମେ ଠିକ ରୂପେ ଧ୍ୟାନ ଦେଉ ନାହାନ୍ତି। ଏ ସବୁ ବିଷୟରେ ଆମର ପ୍ରଶାସକ ଚେତୁ ନାହାନ୍ତି କିମ୍ବା ଆବଶ୍ୟକ ମୁତାବକ କାର୍ଯ୍ୟ କରୁନାହାନ୍ତି। ଆମକୁ ଅନୁଧ୍ୟାନ କରିବାକୁ ପଡ଼ିବ ଯେ ବାହାର ରାଜ୍ୟର ଲୋକ ଏଠାକୁ ଆସି ତାଙ୍କର ରାଜ୍ୟର ଜିନିଷ ବିକ୍ରି କରିପାରୁଛନ୍ତି, ମାତ୍ର ଆମ ଲୋକ କାହିଁକି ଆମ ଜିନିଷକୁ ନେଇ ଅନ୍ୟ ରାଜ୍ୟରେ ବିକ୍ରିକରିପାରୁ ନାହାନ୍ତି ? ଏହାର କାରଣ ଖୋଜି ତା'ର ସମାଧାନର ରାସ୍ତା ବାହାର କରିବାକୁ ପଡିବ।

ଆମ ସାମାଜିକ ବ୍ୟବସ୍ଥାରେ ଏକ ଧାରଣା ଅଛି ଯେ, ଛୋଟ କାମ କଲେ ସମ୍ମାନ ବା ପ୍ରେଷ୍ଟିଜ ଚାଲିଯିବ। ସେଥିପାଇଁ ନୂତନ ଯୁବାଗୋଷ୍ଠୀ ଛୋଟ ଛୋଟ ଧନ୍ଦା ଦ୍ୱାରା ରୋଜଗାର ବଢାଇବା ପାଇଁ ଇଚ୍ଛା ପ୍ରକାଶ କରୁନାହାନ୍ତି। ସରକାରୀ ସ୍ତରରେ ପ୍ରଶାସକ ତଥା ବ୍ୟକ୍ତିଗତ ସ୍ତରରେ ସଚେତନ ନାଗରିକମାନେ ମିଳିତ ଭାବରେ ସମାଜରୁ ଉପରୋକ୍ତ ଭ୍ରାନ୍ତ ଧାରଣାକୁ ଦୂରୀଭୂତ କରିବା ପାଇଁ ଚେଷ୍ଟା କରିବା ଉଚିତ, ନ ହେଲେ ଆମ ନୂତନ ପିଢି ଧୀରେ ଧୀରେ କର୍ମ କୋଢ଼ିରେ ପରିଣତ ହେବେ। ବର୍ତ୍ତମାନ ବିଶ୍ୱ ସ୍ଥିତି ଅନୁସାରେ ସିଧାସଳଖ ସରକାରୀ ଓ ବେସରକାରୀ ଚାକିରି ମାତ୍ରାଧିକ ସଂଖ୍ୟକ ମିଳିବା ସମ୍ଭବ ନୁହେଁ। ମାତ୍ର ବିଭିନ୍ନ ପ୍ରକାର ଧନ୍ଦାମୂଳକ ଶିକ୍ଷା, ବେପାର ବଣିଜ, ମେକାନିକ, ଆମର ଉତ୍ପାଦର ରପ୍ତାନି, ଆବଶ୍ୟକ ପଦାର୍ଥର ଆମଦାନୀ, ଅନ୍ୟ ରାଜ୍ୟରେ ବେପାର ବଣିଜ ଇତ୍ୟାଦି ଇତ୍ୟାଦି କାର୍ଯ୍ୟ ଦ୍ୱାରା ଆମେ ନିଶ୍ଚିତ ରୂପେ ପ୍ରଚୁର ଅର୍ଥ ରୋଜଗାର କରିପାରିବା ଏବଂ ଆମର ଯୁବାଗୋଷ୍ଠୀଙ୍କୁ କର୍ମ ସଂସ୍ଥାନ ଯୋଗାଇବାରେ ସମର୍ଥ ହେବା ; ଯଦ୍ଦ୍ୱାରା ବେକାରି ସମସ୍ୟା ଦୂର ହୋଇଯିବ। ଏକଦା ଆମେ ରପ୍ତାନିକାରୀ ରାଜ୍ୟ ଥିଲେ। ଏଠାରୁ ଧାନ, ଚାଉଳ, ଚୁଡ଼ା, ଲୁଣ, ବିଭିନ୍ନ ପ୍ରକାର କପଡ଼ା, କଂସା ଓ ପିତଳ ବାସନ, ଶିଙ୍ଗକାମ, କାଠ କାମ, ପଥର ମୂର୍ତ୍ତି, ଅନ୍ୟାନ୍ୟ ହସ୍ତଶିଳ୍ପଜାତ ଦ୍ରବ୍ୟ, ପନିପରିବା ଇତ୍ୟାଦି ଅନ୍ୟ ରାଜ୍ୟ ଓ ବିଦେଶକୁ ରପ୍ତାନି ହେଉଥିଲା। ବର୍ତ୍ତମାନ ସବୁକିଛି ବାହାରୁ ଓଡ଼ିଶାକୁ ଆସୁଛି। ସମୟ ଆସିଛି ଯେ ପ୍ରତ୍ୟେକ ଜିନିଷରେ ଆମଦାନୀ ଓ ରପ୍ତାନି ତାରତମ୍ୟକୁ ଠିକ୍‌ରୂପେ ନିର୍ଦ୍ଧାରଣ କରି, ଉତ୍ପାଦନ ବୃଦ୍ଧି ଓ ରପ୍ତାନି କୈନ୍ଦ୍ରିକ ନୀତି ନିର୍ଦ୍ଧାରଣ କରିବା ଏବଂ ଭିତ୍ତିଭୂମିର ବିକାଶ କରିବା। ଆମର ନେତୃବୃନ୍ଦ ଓ ଜନସାଧାରଣ ରାଜ୍ୟରେ ବ୍ୟବସାୟିକ ପରିବର୍ତ୍ତନକୁ ଲକ୍ଷ୍ୟ କରି କିପରି ଶିକ୍ଷିତ ବେକାର ଯୁବତୀଯୁବକଙ୍କୁ ବିଭିନ୍ନ ପ୍ରକାର ବେପାର ବଣିଜ ଦ୍ୱାରା କର୍ମ ସଂସ୍ଥାନରେ ନିଯୁକ୍ତ କରାଯାଇପାରିବ, ସେ ବିଷୟରେ କାର୍ଯ୍ୟକରିବା ଦରକାର। ଆସନ୍ତୁ ସମସ୍ତେ ମିଶି ଆମ ସମାଜରୁ ଛଦ୍ମ ସମ୍ଭ୍ରାନ୍ତ ପଣିଆ ଓ ଛୋଟ କାମ ଦ୍ୱାରା ସମ୍ମାନ ହାନି ମାନସିକତାକୁ ଦୂରେଇ ଏକ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ପ୍ରୟାସ କରିବା।

ପ୍ରଧାନ ବୈଜ୍ଞାନିକ, ଭାରତୀୟ ଜଳ ପରିଚାଳନା ପ୍ରତିଷ୍ଠାନ (ଭାରତ ସରକାର), ଭୁବନେଶ୍ୱର, ମୋ:୮୯୧୭୪୨୬୪୦

## ଏଇ ଭାରତରେ

ଗ୍ରୀଡ଼ବିଦ୍ୟୁତ୍ ଉପରେ ଆଉ ନିର୍ଭର କରିବାକୁ ପଡ଼ିବ ନାହିଁ। ଏମିତି ଏକ ଭଲ ଖବର ନେଇ ଆସିଛନ୍ତି ଉତ୍ତରପ୍ରଦେଶର ମୟଙ୍କ ଚୌଧୁରୀ। ଗାଜିଆବାଦରେ ରହନ୍ତି ମୟଙ୍କ। ସେ ତାଙ୍କ ଘରେ ବିଗତ ଦୁଇ ବର୍ଷ ହେବ ଅନ୍–ଗ୍ରୀଡ୍ ସୋଲାର ପ୍ୟାନେଲ ଲଗାଇ ବିଦ୍ୟୁତ ଉତ୍ପାଦନ କରୁଛନ୍ତି ଓ ବିଦ୍ୟୁତ ବିଲ୍ ବାବଦରେ ୧ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ସଞ୍ଚୟ କରିପାରିଛନ୍ତି। ତାଙ୍କ ଅଗଣାରେ ଲଗାଯାଇଥିବା ଦୁଇଟି ପ୍ୟାନେଲରୁ ଉତ୍ପାଦିତ ବିଦ୍ୟୁତ୍‌ରେ ତାଙ୍କ ଘରର ଆବଶ୍ୟକ ବିଦ୍ୟୁତ୍ ଭରଣା କରୁଛନ୍ତି। ଏଥିରୁ ସେ ୬,୫୦୦ ୱାଟ୍ ବିଦ୍ୟୁତ୍ ଉତ୍ପାଦନ କରୁଛନ୍ତି। ପ୍ରଥମ ପ୍ୟାନେଲ୍‌ରେ ୮ଟି ଓ ଦ୍ୱିତୀୟରେ ୧୨ଟି ସୋଲାର ପ୍ଲେଟ୍ ସେ ଲଗାଇଛନ୍ତି। ଏଥିରେ କୌଣସି ବ୍ୟାଟେରି ବି ବ୍ୟବହାର କରାଯାଇନାହିଁ। ସବୁଠୁ ବଡ଼କଥା ହେଉଛି ଏହା ବର୍ଷସାରା ବିଦ୍ୟୁତ ଯୋଗାଇ ଦେଉଛି। ପ୍ୟାନେଲ୍‌ର ୱାରେଣ୍ଟି ୨୫ ବର୍ଷ ଓ ଇନ୍‌ଭର୍ଟର୍‌ର ୱାରେଣ୍ଟି ୭ ବର୍ଷ ବୋଲି କହନ୍ତି ମୟଙ୍କ। ସୋଲାର ସେଟ୍ ପାଇଁ ୩.୫ ଲକ୍ଷ ବ୍ୟୟ କରିବାକୁ ପଡୁଛି। ପାଞ୍ଚଦିନରେ ଏହା ସମ୍ପୂର୍ଣ୍ଣ ହୋଇଯାଉଛି। ମିଟର ଇଲେକ୍ଟ୍ରି ବୋର୍ଡ ବସାଉଛି ଓ ଏଥିରୁ ଉତ୍ପାଦିତ ବିଦ୍ୟୁତ୍ ଇଲେକ୍ଟ୍ରି ଗ୍ରୀଡ୍‌ରେ ଷ୍ଟୋର ହେଉଛି। ଏଭଳି ସୋଲାର ପ୍ୟାନେଲ ତାଙ୍କ ବନ୍ଧୁ ଓ ସମ୍ପର୍କୀୟମାନେ ବସାଇସାରିଛନ୍ତି ଓ ଏହାକୁ ସେ ବ୍ୟାପକ କରିବାକୁ ଲକ୍ଷ୍ୟ ରଖିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧୦ ଫେବୃୟାରୀ ୧୯୯୬

- କାଶ୍ମୀର ଉପତ୍ୟକାର ପବିତ୍ର ହଜରତବଲ ଦର୍ଘା ଅଞ୍ଚଳରେ ବ୍ୟାପକ ହିଂସାକାଣ୍ଡ ଘଟି ୬ ଜଣ ଉଗ୍ରବାଦୀଙ୍କ ସମେତ ୧୦ ନିହତ।
- ଇସ୍ପାତ ଓ ଯାନବାହନ ଉତ୍ପାଦନ କ୍ଷେତ୍ରରେ ଦେଶର ବୃହତ୍ତମ ସରକାରୀ ସଂସ୍ଥା ଟିସ୍‌କୋ ଏବଂ ଟେଲ୍‌କୋ ଇଞ୍ଜିନିୟରିଂ ରପ୍ତାନି ଉନ୍ନୟନ ପରିଷଦ ପକ୍ଷରୁ ଜାତୀୟ ପୁରସ୍କାର ଲାଭ କରିଛି।
- ପରିବେଶ ପ୍ରଦୂଷଣରେ ଜଡ଼ିତ ଯୋଗୁ ଦିଲ୍ଲୀର ଶିଳ୍ପମନ୍ତ୍ରୀ ହରସରଣ ସିଂ ବାଲିଙ୍କୁ ସୁପ୍ରିମ୍‌କୋର୍ଟ ପକ୍ଷରୁ କାରଣ ଦର୍ଶାଅ ନୋଟିସ ଜାରି।

## su|do|ku
Puzzles by Srikant Ghosh

## ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 5 | | | | | | C | D | | | A | | | | |
| | | | | A | | | 6 | | | | 1 | 2 | | 3 |
| | 9 | | | | | | 2 | 5 | D | E | 6 | 0 | | |
| E | 6 | | 8 | 7 | 1 | B | 9 | | | C | | | | |
| 3 | | | | | E | | | | | | | | C | 8 |
| | | | | | 5 | | | | 1 | | | C | | 4 |
| D | | 0 | | | C | | | 3 | | | 9 | | | |
| | | 1 | 0 | | 7 | | A | | | | | 3 | 6 | |
| | B | | | 3 | | E | | | | | D | A | | |
| | | 3 | | 9 | 6 | 5 | | B | | | C | | | |
| | | 4 | | 2 | | 9 | | 1 | | D | | | | |
| | 3 | 5 | | E | | | 0 | 6 | 7 | | | | 9 | |
| B | A | | 1 | | 4 | 8 | 5 | C | 6 | | | | | |
| | | 9 | | | A | | | | 8 | | | | | |
| | | | | | 0 | | E | | C | 1 | B | | | D |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| B | E | 5 | D | 9 | 3 | 1 | 4 | 8 | 2 | 6 | C | A | 7 | 0 |
| 8 | 9 | D | 1 | A | 7 | 5 | C | 2 | B | 0 | 3 | E | 6 | 4 |
| 1 | C | 7 | 6 | 0 | 4 | B | A | 9 | 5 | D | E | 2 | 3 | 8 |
| A | 0 | 2 | B | C | 8 | 3 | 6 | E | 1 | 7 | 4 | D | 9 | 5 |
| 3 | 6 | 4 | E | 2 | 5 | D | 7 | 0 | 8 | A | 9 | B | 1 | C |
| E | 5 | 1 | 0 | 8 | B | 6 | 9 | 7 | D | 2 | A | 4 | C | 3 |
| 2 | 8 | C | 9 | 7 | A | 4 | 0 | 1 | 3 | B | 6 | 5 | E | D |
| 6 | 3 | 9 | C | 5 | D | A | E | B | 0 | 4 | 7 | 1 | 8 | 2 |
| 7 | A | 0 | 4 | 1 | E | 2 | D | 3 | C | 8 | 5 | 6 | B | 9 |
| D | 4 | B | 2 | 3 | 6 | C | 8 | 5 | E | 9 | 1 | 0 | A | 7 |
| 0 | 1 | 8 | A | B | 9 | E | 3 | 4 | 7 | 5 | 2 | C | D | 6 |
| 5 | 2 | E | 3 | 6 | 0 | 9 | B | D | A | C | 8 | 7 | 4 | 1 |
| C | B | 3 | 8 | 4 | 2 | 7 | 5 | A | 6 | 1 | D | 9 | 0 | E |
| 9 | D | 6 | 7 | E | 1 | 0 | 2 | C | 4 | 3 | B | 8 | 5 | A |
| 4 | 7 | A | 5 | D | C | 8 | 1 | 6 | 9 | E | 0 | 3 | 2 | B |

ଗତ କାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଅନ୍‌ଲାଇନ୍‌ରେ ପଞ୍ଜୀକରଣ କରାଯାଉ

ମହାଶୟ,

ନିକଟରେ କେନ୍ଦ୍ର ସରକାର କହିଥିଲେ ଯେ, ନିର୍ମାଣ ଶ୍ରମିକଙ୍କ ନାମ ଅଧିକମାତ୍ରାରେ ପଞ୍ଜୀକରଣ କରାଯାଉ। କିନ୍ତୁ ଅନେକ ନିର୍ମାଣ ଶ୍ରମିକଙ୍କ ନାମ ପଞ୍ଜୀକରଣ ହୋଇପାରୁନାହିଁ। ଏ ପର୍ଯ୍ୟନ୍ତ ଅଧିକାଂଶ ଶ୍ରମିକଙ୍କୁ ଅତ୍ୟାବଶ୍ୟକ ବଣ୍ଟନ ବ୍ୟବସ୍ଥା ସାଇକେଲ ସହ ବିଭିନ୍ନ କର୍ମ ସାମଗ୍ରୀ ମିଳୁନାହିଁ। ୨ ବର୍ଷ ହେବ ନିର୍ମାଣ ଶ୍ରମିକଙ୍କ ପୁଅଝିଅଙ୍କୁ ଛାତ୍ରୀଛାତ୍ର ବୃତ୍ତି ମିଳୁନାହିଁ। ନିର୍ମାଣ ଶ୍ରମିକଙ୍କ ଝିଅ ବାହାଘର ପାଇଁ ମିଳୁଥିବା ରାଶିକୁ ଏଜେଣ୍ଟମାନେ ହଡ଼ପ କରି ନେଉଛନ୍ତି। ପ୍ରତ୍ୟେକ ଜିଲାରେ ଥିବା ନିର୍ମାଣ ଶ୍ରମିକଙ୍କ କାର୍ଯ୍ୟାଳୟ ସହିତ ଏଜେଣ୍ଟମାନଙ୍କ ଲାଞ୍ଚ କାରବାର ଜୋର୍‌ରେ ଚାଲୁଛି। ଏଜେଣ୍ଟମାନେ ଲାଞ୍ଚ ନ ପାଇଲେ ଶ୍ରମିକଙ୍କ ପଞ୍ଜୀକରଣ କରାଇ ଦେଉନାହାନ୍ତି। ଏଜେଣ୍ଟ ବ୍ୟବସ୍ଥା ଉଠାଯାଇ ଅନ୍‌ଲାଇନ୍ ମାଧ୍ୟମରେ ସମସ୍ତ ଆବେଦନ ଓ ପଞ୍ଜୀକରଣ କରାଯାଉ। ଅନ୍ୟପଟେ ରାଜ୍ୟ ସରକାର ନିର୍ମାଣ ଶ୍ରମିକଙ୍କ ରାଶିକୁ ଅନ୍ୟ ସାମାଜିକ କଲ୍ୟାଣ କାର୍ଯ୍ୟରେ ଲଗାଇ ଦେଉଛନ୍ତି ବୋଲି ଜନସାଧାରଣରେ ଆଲୋଚନା ହେଉଛି। କେନ୍ଦ୍ର ଓ ରାଜ୍ୟ ସରକାର ନିର୍ମାଣ ଶ୍ରମିକଙ୍କ ଏଜେଣ୍ଟ ବ୍ୟବସ୍ଥା ଉଠାଇ ଅନ୍‌ଲାଇନ୍ ମାଧ୍ୟମରେ ସମସ୍ତ କାର୍ଯ୍ୟ କରିବାକୁ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅନୁରୋଧ।

–ସଂଗ୍ରାମ ସେନାପତି, ଭିଆଇପି ରୋଡ୍, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ସେ ଗୀତେ ମୁଁ ତ ଯାଇନି ହଜି
ନିଜକୁ ତହିଁ ପାଇଲି ଖୋଜି,
ସେ ଗୀତେ ମୋର ପରାଣ ଭରି
ଝରିଲା କି ଅମିଅ,
ମରଣ ହେଲା ମଧୁରତର ଜୀବନ ହେଲା ପ୍ରିୟ।
–(କୁହୁ ପ୍ରାସ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୧୦ ଫେବୃୟାରୀ, ୨୦୨୧



**ବରମୁଣ୍ଡା ବସ୍‌ଷ୍ଟାଣ୍ଡରୁ ମୃତଦେହ ଜବତ**

ଭୁବନେଶ୍ୱର,(ବ୍ୟୁରୋ): ଭରତପୁର ଥାନା ଅନ୍ତର୍ଗତ ବରମୁଣ୍ଡା ବସଷ୍ଟାଣ୍ଡରୁ ଜଣେ ବ୍ୟକ୍ତିଙ୍କ ମୃତଦେହକୁ ପୋଲିସ ଜବତ କରିଛି। ମୃତକଙ୍କ ବୟସ ପ୍ରାୟ ୬୫ ବର୍ଷ ହୋଇଥିବା ବେଳେ ସେ କଟକ ଜିଲା ବାଙ୍କୀ ଥାନା ପାଥପୁର ଅଞ୍ଚଳର ବୋଲି ପୋଲିସ କହିଛି। ତାଙ୍କର ପରିଚୟ ସ୍ପଷ୍ଟ ହୋଇପାରିନାହିଁ। ମଙ୍ଗଳବାର ବରମୁଣ୍ଡା ବସଷ୍ଟାଣ୍ଡ ଅଞ୍ଚଳରେ ଯାତ୍ରୀମାନେ ଏକ ମୃତଦେହ ପଡ଼ିଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ତାଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲା। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ମା' ଖଣ୍ଡେଶ୍ୱରୀ ମହିଳା ସମିତି ପକ୍ଷରୁ ସ୍ପୋର୍ଟ୍ସମିଟ୍, ବିଜୁ ପଟ୍ଟନାୟକ ଖେଳପଡ଼ିଆ, ପ୍ରାଚୀ ବିହାର, ପଳାଶୁଣୀ, ପୂର୍ବାହ୍ନ ୧୦ଟା ୩୦।
- ଜାତୀୟ ହସ୍ତତନ୍ତ ମେଳା, ପ୍ରଦର୍ଶନୀ ପଡ଼ିଆ, ଅପରାହ୍ନ ୨ଟା।
- ମୁକ୍ତଚିନ୍ତନ ମଞ୍ଚ ପକ୍ଷରୁ ପୁସ୍ତକ ଲୋକାର୍ପଣ ଉତ୍ସବ, ରେଡ୍‌କ୍ରସ ଭବନ ପରିସର, ସନ୍ଧ୍ୟା ୬ଟା।
- ପ୍ରିଲ୍ୟୁଡ୍ ସଂସ୍ଥା ପକ୍ଷରୁ ଇଏମ୍‌ଏଓ କାର୍ଯ୍ୟକ୍ରମ ଉନ୍ମୋଚନ, ମେ ଫେୟାର କନଭେନଶନ, ସନ୍ଧ୍ୟା ୬ଟା।

**ବାଲିଅନ୍ତା**

- ବାର୍ଷିକ ଯଜ୍ଞର ପୂର୍ଣ୍ଣାହୁତି, ଶ୍ରୀ ଲକ୍ଷେଶ୍ୱର ମନ୍ଦିର ପରିସର, ବରିମୁଣ୍ଡ, ଅପରାହ୍ନ ୫ଟା।
- ଶ୍ରୀରାମଚରିତ ମାନସ ପାରାୟଣ ଓ ପ୍ରବଚନ, ଶ୍ରୀ ରାଧାବଲ୍ଲଭ ଜୀଉ ମନ୍ଦିର, ବଗୁଆରୀ, ସନ୍ଧ୍ୟା ୭ଟା ୩୦।
- ଅନନ୍ତମୁଖୀ ଭାଗବତ ପାରାୟଣ ଓ ପ୍ରାଚୀବୁଢ଼, ପାରିବସୁଦେଇପୁର, ବନବିହାରୀ ମନ୍ଦିର, ସକାଳ ୮ଟା।

## ମୋଟର ଚାଳକ ସଂଘ ଉଦ୍‌ଘାଟିତ

ତିଗିରିଆ,୯।୨(ଡି.ଏନ୍.ଏ.): ତିଗିରିଆ ବ୍ଲକ ଅନ୍ତର୍ଗତ ନୂଆପାଟଣାଠାରେ ଓଡ଼ିଶା ମୋଟର ଚାଳକ ସଂଘ ଆନୁକୂଲ୍ୟରେ ନୂତନ ମୋଟର ଚାଳକ ସଂଘ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥିଭାବେ ଓଡ଼ିଶା ମୋଟର ଚାଳକ ସଂଘ ରାଜ୍ୟ ସଭାପତି ଅକ୍ଷୟ କୁମାର ନାୟକ, ସମ୍ମାନିତ ଅତିଥି ମୋଟର ଚାଳକ ସଂଘ ସମ୍ପାଦକ ଅରୁଣ କୁମାର ମହାନ୍ତି, ମୁଖ୍ୟବକ୍ତା ଓଡ଼ିଶା ମୋଟର ଚାଳକ ସଂଘ ଉପଦେଷ୍ଟା ଚୈତନ୍ୟ ସାହାଣୀ ଯୋଗଦେଇ ଚାଳକମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ। ସ୍ୱତନ୍ତ୍ର ଅତିଥିଭାବେ ପୂର୍ବତନ ଜିଲା ପରିଷଦ ସଭ୍ୟ ମେହେବୁବ୍ ଅହମଦ ଖାଁ, ମହେନ୍ଦ୍ର କୁମାର କୁଣ୍ଡୁ ଓ ଅରୁଣ କୁମାର ନାୟକ ଉପସ୍ଥିତ ଥିଲେ। ସଭାରେ ସନ୍ତୋଷ କୁମାର ସାହୁ ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନୂଆପାଟଣା ମୋଟର ଚାଳକ ସଂଘ ସଭାପତି ପ୍ରତାପ ଚନ୍ଦ୍ର କୁଣ୍ଡୁ, ସମ୍ପାଦକ କାମାକ୍ଷା ପ୍ରସାଦ ବେହେରା ଓ କୋଷାଧ୍ୟକ୍ଷ ବ୍ରହ୍ମାନନ୍ଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ବାଲିଅନ୍ତା ହାଇସ୍କୁଲ ୧୯୯୩ ବ୍ୟାଚ୍‌ର ବନ୍ଧୁମିଳନ

ଭୁବନେଶ୍ୱର (ବ୍ୟୁରୋ), ୯।୨: ୧୯୯୩ ମସିହା ବାଲିଅନ୍ତା ହାଇସ୍କୁଲର ମାଟ୍ରିକ୍ ପରୀକ୍ଷା ଦେଇଥିବା ପୁରାତନ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ ଉତ୍ସବ ରବିବାର ବିଦ୍ୟାଳୟଠାରୁ ଅଳ୍ପ ଦୂରରେ ଥିବା ମା' ଉତ୍ତରମୁଖୀ ଭୁବନପୁର (ପଥରକୋଟ) ନଦୀପଠାରେ ଅନୁଷ୍ଠିତ ହୋଇଛି। ଏଥିରେ ୩୨ଜଣ ଯୋଗ ଦେଇଥିଲେ। ଖୋର୍ଦ୍ଧା ଜିଲାର ଏକ ପୁରାତନ ବିଦ୍ୟାଳୟର ଏହି ବ୍ୟାଚ୍‌ର ଛାତ୍ରୀଛାତ୍ରମାନେ ରାଜ୍ୟ ସରକାର ତଥା ଅନ୍ୟାନ୍ୟ ସଂସ୍ଥାର ଉଚ୍ଚ ପଦପଦବୀରେ ରହି କାର୍ଯ୍ୟ କରୁଛନ୍ତି। ଗତ ବର୍ଷ ବନ୍ଧୁମିଳନ ଉତ୍ସବରେ ବିଦ୍ୟାଳୟର ସେ ସମୟର ସମସ୍ତ ଶିକ୍ଷକଙ୍କୁ ସମ୍ମାନିତ କରାଯାଇଥିଲା। ଚଳିତଥର ଅନୁଷ୍ଠିତ ଆଲୋଚନାଚକ୍ରରେ ଭାଗନେଇ ସମସ୍ତେ ପାଠପଢ଼ା ସମୟର ସ୍ମୃତିଚାରଣ କରିବା ସହ ନିଜ ପ୍ରିୟ ବିଦ୍ୟାଳୟର ଉନ୍ନତି ନିମନ୍ତେ ସାହାଯ୍ୟ ଓ ସହଯୋଗ କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ଏ ମିଳନ ସମାରୋହରେ କୋଭିଡ୍-୧୯ ନିୟମ ଅନୁପାଳନ କରି କରାଯାଇଥିଲା।

# ଭୁବନେଶ୍ୱରରେ ଖୋଲିବ ସାଇବର ଥାନା

ଭୁବନେଶ୍ୱର,୯।୨(ବ୍ୟୁରୋ)

- ଏକମାସ ମଧ୍ୟରେ ୧ କୋଟି ୪୦ ଲକ୍ଷ ଟଙ୍କାର ଠକେଇ
- ୟୁପିଆଇ ଟ୍ରାଞ୍ଜାକ୍ସନରେ ଅଧିକାଂଶ ଲୋକ ଶିକାର

ସାଇବର ଠକେଇଜନିତ ଅଭିଯୋଗ ନେଇ ଗତ ଜାନୁୟାରୀ ୭ ତାରିଖରେ କମିଶନରେଟ ପୋଲିସ ପକ୍ଷରୁ ସାଇବର ହେଲ୍ପ ଡେସ୍କ ପ୍ରତିଷ୍ଠା କରାଯାଇଥିଲା। ଇତିମଧ୍ୟରେ ଏହି ହେଲ୍ପ ଡେସ୍କକୁ ଏକମାସ ପୂରିଥିବାବେଳେ ମଙ୍ଗଳବାର ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ ଏନେଇ ସମୀକ୍ଷା କରିଛନ୍ତି। ପରେ ପୋଲିସ ସେବା ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇ କମିଶନର ଷଡଙ୍ଗୀ କହିଛନ୍ତି, ଏକ ମାସ ମଧ୍ୟରେ ୧ କୋଟି ୪୦ ଲକ୍ଷ ୫୪ ହଜାର ୯୪୪ ଟଙ୍କାର ଠକେଇ ହୋଇଥିବା ଅଭିଯୋଗ ଆସିଛି। ବିଶେଷ କରି ୟୁପିଆଇ ଟ୍ରାଞ୍ଜାକ୍ସନ ଯୋଗୁ ଅଧିକାଂଶ ଲୋକ ଠକେଇର ଶିକାର ହୋଇଛନ୍ତି। ଏଭଳି ଠକେଇ ରୋକିବା ପାଇଁ ୨୦୨୧ ମସିହା ଶେଷ ସୁଦ୍ଧା ଭୁବନେଶ୍ୱରରେ ସାଇବର ଥାନା ପ୍ରତିଷ୍ଠା କରାଯିବ।



ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ।

ପୋଲିସ କମିଶନରଙ୍କ ସୂଚନା ଅନୁଯାୟୀ, ଏକମାସ ମଧ୍ୟରେ ହେଲ୍ପ ଡେସ୍କକୁ ଠକେଇ ନେଇ ମୋଟ ୧୨୦୭ଟି ଫୋନ୍ କଲ ଆସିଛି। ସେଥିମଧ୍ୟରୁ କେବଳ ଭୁବନେଶ୍ୱରରୁ ୩୬୮ଟି କଲ୍ ଆସିଥିବାବେଳେ ୫୨ଲକ୍ଷରୁ ଅଧିକ ଟଙ୍କାର ଠକେଇ ହୋଇଛି। ଭୁବନେଶ୍ୱର ବାହାରୁ ୮୩୭ଟି କଲ୍ ଆସିଛି। ୧୨୦୭ କଲ୍ ମଧ୍ୟରୁ ୨୨୯ଟି କଲ୍ ଠକେଇ ସମ୍ପର୍କିତ ରହିଛି। ମୋଟ ୧କୋଟି ୪୦ଲକ୍ଷ ୫୪ହଜାର ୯୪୪ଟଙ୍କା ଠକେଇ ମଧ୍ୟରୁ ଭୁବନେଶ୍ୱରରୁ କେବଳ ୫୨ଲକ୍ଷ ୧୬ହଜାର ୪୮୩ ଟଙ୍କାର ଠକେଇ ହୋଇଛି। ସେଥିମଧ୍ୟରୁ ମୋଟ ୭ଲକ୍ଷ ୧୯ହଜାର ୭୧୧ ଟଙ୍କାର ଠକେଇ ରୋକିବାରେ ପୋଲିସ ସକ୍ଷମ ହୋଇପାରିଛି। ଡିଜିଟାଲ ଟ୍ରାଞ୍ଜାକ୍ସନ ବଢ଼ିବା ପରେ ଠକେଇର ଶିକାର ଘଟଣା ବୃଦ୍ଧି ପାଇଛି। ଏବେସୁଦ୍ଧା ୪୬ଟି ଠକେଇ ମାମଲା ରୁଜୁ ହେଲାଣି। ଏବେ ଲୋକେ ଧିରେ ଧିରେ ସଚେତନ ହେଉଛନ୍ତି। ଆଗଭଳି ଆଉ କ୍ରେଡିଟ କାର୍ଡ, ଡେବିଟ କାର୍ଡ, ଓଟିପି ଆଦି ଅଜଣା ବ୍ୟକ୍ତିଙ୍କୁ ଶେୟାର କରୁନାହାନ୍ତି। ଏଭଳି ଠକେଇକୁ ରୋକିବା ପାଇଁ ଭୁବନେଶ୍ୱରରେ ସାଇବର ଥାନା ପ୍ରତିଷ୍ଠା ଲାଗି ନିଷ୍ପତ୍ତି ନିଆଯାଇଛି।




କଟକ ଦୋଳମୁଣ୍ଡାଇ ରୋଡ୍‌ରେ ଯମବେଶଧାରୀ ବ୍ୟକ୍ତି ଟ୍ରାଫିକ୍ ସଚେତନତା କରୁଛନ୍ତି।



ଭୁବନେଶ୍ୱର ୟୁନିଟ୍-୧ ଆଦିବାସୀ ପଡ଼ିଆରେ ଆୟୋଜିତ ଆଦିବାସୀ ମେଳାର ଉଦ୍‌ଯାପନୀ ଦିବସରେ ମଙ୍ଗଳବାର ଲୋକେ ବୁଲି ଦେଖୁଛନ୍ତି।

## ସମ୍ବେଦନଶୀଳ ବର୍ଗଙ୍କୁ ନେଇ ହେବ ଏସ୍‌ଏଚ୍‌ଜି

ଭୁବନେଶ୍ୱର(ବ୍ୟୁରୋ),୯।୨

ଏବେ ସ୍ୱତନ୍ତ୍ର ବର୍ଗଙ୍କୁ ନେଇ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି) ଗଠନ କରାଯିବ। ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବାର ପାହାଚ ସ୍ୱରୂପ ଭୁବନେଶ୍ୱର ମହାନଗର ନିଗମ କର୍ତ୍ତୃପକ୍ଷ ଏହି ପଦକ୍ଷେପ ନେଇଛି। ରାଜ୍ୟ ସରକାରଙ୍କ ଏପ୍ରକାର ଯୋଗାଯୋଗକୁ ଆଧାର କରି ବିଏମ୍‌ସି ତରଫରୁ ମଙ୍ଗଳବାର ଗୋଷ୍ଠୀ ସଂଗଠକଙ୍କୁ ନେଇ ଏକ ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଥିଲା। ଏସ୍‌ଏଚ୍‌ଜି କେବଳ ମହିଳାଙ୍କ ପାଇଁ ନୁହେଁ ବରଂ ପରିମଳ ପାଇଁ ତ୍ୟାଗଶୀଳ ହୋଇ କାର୍ଯ୍ୟ କରୁଥିବା ବ୍ୟକ୍ତି, ବର୍ଜ୍ୟ ସଂଗ୍ରହକାରୀ, ରିକ୍ସା ଚାଳକ, ଭିନ୍ନକ୍ଷମ, କିନ୍ନର ବା ତୃତୀୟ ଲିଙ୍ଗ ଏବଂ ନିର୍ମାଣ ଶ୍ରମିକମାନଙ୍କୁ ନେଇ କରାଯିବାକୁ ସରକାରଙ୍କ ନିର୍ଦ୍ଦେଶ ରହିଛି। ତେଣୁ କମିଶନର ପ୍ରେମଚନ୍ଦ୍ର ଚୌଧାରୀଙ୍କ ପରବର୍ତ୍ତୀ ପଦକ୍ଷେପ ସ୍ୱରୂପ ବିଏମ୍‌ସି ଅଞ୍ଚଳରେ ଥିବା ଉକ୍ତ ବର୍ଗର ନାଗରିକଙ୍କ ପାଇଁ ଏସ୍‌ଏଚ୍‌ଜି ସଙ୍ଗଠନ କରିବା ଏବଂ ଏ ଦିଗରେ କାର୍ଯ୍ୟ ଆରମ୍ଭ କରିବା ପାଇଁ ପଦକ୍ଷେପ ନିଆଯାଇଛି। ଏହି ଅବସରରେ ଅତିରିକ୍ତ କମିଶନର ଅବନୀକାନ୍ତ ପଟ୍ଟନାୟକ ଏବଂ ଡେପୁଟି କମିଶନର ସ୍ୱାସ୍ଥ୍ୟ ଓ ପରିମଳ ଶୁଭେନ୍ଦୁ କୁମାର ସାହୁ ଏବଂ ନେହା ମୋଦି-ପ୍ରୋଗ୍ରାମ୍ କୋଅର୍ଡିନେଟର ଅର୍ବାନ ମ୍ୟାନେଜ୍‌ମେଣ୍ଟ ସେଣ୍ଟର ମୁଖ୍ୟ କାର୍ଯ୍ୟାଳୟ ଅହମଦାବାଦଙ୍କ ଉପସ୍ଥିତିରେ ଗୋଷ୍ଠୀ ସଂଗଠିକାସଂଗଠକଙ୍କୁ ନେଇ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି। ଏହି ପ୍ରଶିକ୍ଷଣରେ ୟୁଏମ୍‌ସିର ସୁଗମକାରୀ ଭାବେ ମନୋରମା ମଲ୍ଲିକ ଏବଂ ଲୋପାମୁଦ୍ରା ଦାସ ଯୋଗ ଦେଇଥିଲେ।

## ନାବାଳିକା ଅପହରଣ, ହତ୍ୟା ଘଟଣା
## ଭୁବନେଶ୍ୱରରୁ ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୯।୨(ବ୍ୟୁରୋ)

ପଶ୍ଚିମବଙ୍ଗରେ ଜଣେ ନାବାଳିକା (୧୪)ଙ୍କୁ ଅପହରଣ ପରେ ତାଙ୍କୁ ହତ୍ୟା କରାଯାଇଥିଲା। ଏହି ଘଟଣାରେ ସଂପୃକ୍ତ ଅଭିଯୁକ୍ତ ଫେରାର ଥିବାବେଳେ ଭୁବନେଶ୍ୱରରେ ଆତ୍ମଗୋପନ କରିଥିଲେ। ମଙ୍ଗଳବାର ସଂପୃକ୍ତ ଫେରାର ଅଭିଯୁକ୍ତଙ୍କୁ ଏୟାରଫିଲ୍ଡ ଥାନା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ପଶ୍ଚିମବଙ୍ଗ ଡାଇମଣ୍ଡ ହରବୋର ଅଞ୍ଚଳର ହମିଦୁଲ ଲକସର। ପଶ୍ଚିମବଙ୍ଗ ପୋଲିସ ହମିଦୁଲଙ୍କୁ ଟ୍ରାନ୍‌ଜିଟ୍ ରିମାଣ୍ଡରେ ନେଇଛି ସୂଚନା ମୁତାବକ, ଗତ ଜାନୁଆରୀରେ ପଶ୍ଚିମବଙ୍ଗର ଜଣେ ନାବାଳିକାଙ୍କୁ ଅପହରଣ କରାଯିବା ସହ ହତ୍ୟା କରି ରାସ୍ତାରେ ଫିଙ୍ଗିଦିଆଯାଇଥିଲା। ଏ ନେଇ ସେଠାକାର ପୋଲିସ କେସ୍ ନଂ. ୩/୨୦ ରୁଜୁକରି ତଦନ୍ତ ଚଳାଇଥିଲା। ବିଭିନ୍ନ ରାଜ୍ୟର ଥାନାଗୁଡ଼ିକୁ ଅଭିଯୁକ୍ତଙ୍କ ଫଟୋ ଜାରି କରାଯାଇଥିଲା।

## ଜଳିଗଲା ଦୋକାନ

ବାଲିପାଟଣା,୯।୨(ଡି.ଏନ୍.ଏ.)

ବାଲିପାଟଣା ଥାନା ଅଧୀନ ବସନ୍ତମାଳ ଛକରେ ଥିବା ଗଙ୍ଗାଧର ମହାପାତ୍ରଙ୍କ ଚା'ଦୋକାନ ସୋମବାର ରାତିରେ ନିଆଁ ଲାଗି ଜଳିଯାଇଛି। ପ୍ରାୟ ଲକ୍ଷାଧିକ ଟଙ୍କାର ସାମଗ୍ରୀ ପୋଡ଼ିଯାଇଛି। ଗଙ୍ଗାଧର ସୋମବାର ରାତି ୧୦ଟାରେ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ବିଳମ୍ବିତ ରାତିରେ ଦୋକାନରେ ନିଆଁ ଲାଗିଥିବା ଦେଖି ଗଙ୍ଗାଧରଙ୍କୁ ସ୍ଥାନୀୟ ଲୋକେ ଜଣାଇଥିଲେ। ଖବରପାଇ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

# ଚାକିରିରୁ ନିଲମ୍ବିତ ହେଲେ ଏସ୍‌ଏସ୍‌ଓ

ଖୋର୍ଦ୍ଧା ଅଫିସ,୯।୨

**ଭିନ୍ନକ୍ଷମ ତାଲିମ କେନ୍ଦ୍ର ଯୌନ କେଲେଙ୍କାରୀ ଘଟଣା**

- ଉମେଶ, ବାସନ୍ତୀଙ୍କୁ ରିମାଣ୍ଡରେ ଆଣିବାକୁ ଆବେଦନ
- ଫିଟିବ ବହୁ ଗୁମର
- ବଡ଼ବଡ଼ିଆ ଏବେ ଛାନିଆ ହେଲେଣି

ଭୁବନେଶ୍ୱର ଏୟାରପୋର୍ଟ ଥାନା ପଳାସପଲ୍ଲୀ ଅଞ୍ଚଳରେ ଥିବା ନିଖିଳ ଉତ୍କଳ ଶାରୀରିକ ଭିନ୍ନକ୍ଷମ କଲ୍ୟାଣ ମହାସଂଘ ତାଲିମ କେନ୍ଦ୍ରରେ ଯୌନ ଶୋଷଣ ଘଟଣା ପଦାକୁ ଆସିବା ପରେ ରାଜ୍ୟରେ ହଇଚଇ ସୃଷ୍ଟି ହୋଇଛି। ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ତଥା ଅନୁଷ୍ଠାନର ସମ୍ପାଦକ ସୁରେଶ ବେହେରାଙ୍କ ସମେତ ୬ଜଣଙ୍କୁ ରବିବାର ଏୟାରପୋର୍ଟ ଥାନା ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଖୋର୍ଦ୍ଧା ଜିଲା ସମାଜ ମଙ୍ଗଳ କାର୍ଯ୍ୟାଳୟରେ ସାମାଜିକ ସୁରକ୍ଷା ଅଧିକାରୀ (ଏସ୍‌ଏସ୍‌ଓ) ଭାବେ କାର୍ଯ୍ୟକରୁଥିବା ଚନ୍ଦକା ମେଣ୍ଢାଶାଳ ଅଞ୍ଚଳର ସଂଗ୍ରାମ କେଶରୀ ଦାସ, ତାଲିମ୍ କେନ୍ଦ୍ରର ଦୁଇଜଣ ମହିଳା କର୍ମଚାରୀ କଟକ ସିଡିଏ ଫେଜ୍-୨ରେ ରହୁଥିବା ନୟାଗଡ଼ର ବାସନ୍ତୀ ସାହୁ ଓ ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଜିଜିପି କଲୋନୀର ସଞ୍ଜୁ ଓରଫ ସଂଯୁକ୍ତା ମେହେର, ଖୋର୍ଦ୍ଧା ସଦର ଅଞ୍ଚଳର ଲାଲୁ ଓରଫ ଉମେଶଚନ୍ଦ୍ର ରାଉତରାୟ ଏବଂ କଟକ ନିଆଳି ଅଞ୍ଚଳର ରାକେଶ କୁମାର ଷଡ଼ଙ୍ଗୀ। ଗିରଫ ଅଭିଯୁକ୍ତମାନେ ଏବେ ଜେଲ୍ ହାଜତରେ ଥିବାବେଳେ ଜିଲା ସମାଜ ମଙ୍ଗଳ ଅଧିକାରୀଙ୍କ ରିପୋର୍ଟକୁ ଆଧାର କରି ମଙ୍ଗଳବାର ଜିଲାପାଳ ସନତ୍ ମହାନ୍ତି ଏସ୍‌ଏସ୍‌ଓ ଦାସଙ୍କୁ ଚାକିରିରୁ ନିଲମ୍ବନ କରିଛନ୍ତି।

ଅନ୍ୟପଟେ ଅଭିଯୁକ୍ତ ଉମେଶ ଏବଂ ବାସନ୍ତିଙ୍କୁ ରିମାଣ୍ଡରେ ଆଣିବା ଲାଗି କମିଶନରେଟ ପୋଲିସ ଭୁବନେଶ୍ୱର ଏସ୍‌ଡିଜେଏମଙ୍କ କୋର୍ଟରେ ଆବେଦନ କରିଛି। ଉମେଶ ଏବଂ ବାସନ୍ତୀ ଅନ୍ୟ କେଉଁମାନଙ୍କୁ ଯୁବତୀ ଚାଲାଣ କରୁଥିଲେ, ତାହା ପଚରାଉଚରା ପରେ ଘଟଣା ଜଣାପଡ଼ିବ ବୋଲି ଡିସିପି ଉମାଶଙ୍କର ଦାଶ କହିଛନ୍ତି। ଯୁବତୀଙ୍କୁ ଉପଭୋଗ କରିଥିବା ବାବୁମାନେ ଏବେ ଛାନିଆ ହୋଇପଡିଛନ୍ତି। ଘଟଣା ପଦାରେ ପଡ଼ିବା ଆଶଙ୍କାରେ ବାବୁମାନଙ୍କ ନିଦ ଏକପ୍ରକାର ହଜିଯାଇଥିବା ସାଧାରଣରେ ଆଲୋଚନା ହେଉଛି। ତେବେ ଏସ୍‌ଏସ୍‌ଓ ବନ୍ଧା ହେବା ପରେ ବହୁ ଗୁମର ତଥ୍ୟ ପଦାକୁ ଆସିଛି। ଏହି ଘଟଣା ପଛରେ ବହୁ ବଡ଼ବଡ଼ିଆଙ୍କ ହାତ ରହିଥିବା ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। ଜଣେ ଏସ୍‌ଏସ୍‌ଓ ଏଭଳି ଜଘନ୍ୟ କାର୍ଯ୍ୟ କରୁଥିବାବେଳେ କିପରି ଉପରିସ୍ଥ ଅଧିକାରୀମାନେ କିଛି ଜାଣି ପାରୁ ନ ଥିଲେ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏତେବଡ଼ କୋଳଙ୍କାରୀ ପଛରେ କେଉଁ ଅଧିକାରୀମାନଙ୍କ ହାତ ରହିଛି, ତଦନ୍ତ କରାଗଲେ ଜଣାପଡ଼ିବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଘଟଣାର ନିରପେକ୍ଷ ତଦନ୍ତ କରାଗଲେ, ଠିକ୍ ତଥ୍ୟ ସାମନାକୁ ଆସିବ ବୋଲି ମତ ପ୍ରକାଶ ପାଇଛି।

## ପୂର୍ବତନ ବିଧାୟକ ଗୋପୀନାଥଙ୍କ ଶ୍ରାଦ୍ଧବାର୍ଷିକୀ

ବାଲିଅନ୍ତା,୯।୨(ଡି.ଏନ୍.ଏ.)

ପୂର୍ବତନ ବିଧାୟକ ଗୋପୀନାଥ ଭୋଇଙ୍କ ୯ମ ଶ୍ରାଦ୍ଧବାର୍ଷିକୀ ମଙ୍ଗଳବାର ବାଲିଅନ୍ତା ନିକୁଞ୍ଜବିହାରୀ ମନ୍ଦିର ପରିସରରେ ଥିବା ଗାନ୍ଧୀପୀଠରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ପାଲାକାର ସୁରେନ୍ଦ୍ର ଛୋଟରାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆଇନଜୀବୀ ବିନୋଦ କୁମାର ସାହୁ, ବିଭୂତି ଭୂଷଣ ମର୍ଦ୍ଦରାଜରାୟ, ଧନେଶ୍ୱର ବେହେରା, ଲକ୍ଷ୍ମୀଧର ବେହେରା, ଶ୍ରୀଧର ଦାସ ଓ ବଶିଷ୍ଠ ନାୟକ ପ୍ରମୁଖ ଯୋଗଦେଇ ଗୋପୀନାଥ ଭୋଇଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ସହ ଶ୍ରଦ୍ଧାସୁମନ ଜଣାଇଥିଲେ। ରବିନାରାୟଣ ବେହେରା ଧନ୍ୟବାଦ ଦେଇଥିଲେ।

## ୨ ମହିଳାଙ୍କ ସୁନାଚେନ ଝାମ୍ପିନେଲେ

ଭୁବନେଶ୍ୱର,୯।୨(ବ୍ୟୁରୋ)

ରାଜଧାନୀରେ ପୁଣି ଲୁଟେରା ମାତିଲେଣି। ମଙ୍ଗଳବାର ଲକ୍ଷ୍ମୀସାଗର ଥାନା ଅଧୀନ ଝାରପଡ଼ା ଜେଲ ଗେଟ୍ ସମ୍ମୁଖ ରୋଡରେ ପ୍ରାତଃଭ୍ରମଣ ବେଳେ ମନୋରମା ସାହୁ ନାମ୍ନୀ ମହିଳାଙ୍କ ବେକରେ କଟୁରୀ ଲଗାଇ ୩ଜଣ ଦୁର୍ବୃତ୍ତ ସୁନାଚେନ ଝାମ୍ପି ନେଇଛନ୍ତି। ସେହିପରି ଏୟାରଫିଲ୍ଡ ଥାନା ଅଞ୍ଚଳରେ ଜଣେ ମହିଳାଙ୍କ ବେକରେ କଟୁରୀ ଲଗାଇ ସୁନାଚେନ ଲୁଟିନିଆଯାଇଛି। ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ନିଳାଦ୍ରୀ ବିହାର ସେକ୍ଟର-୫ ଅଞ୍ଚଳରେ ରହୁଥିବା ଏକ ବୈଦ୍ୟୁତିକ ଗଣମାଧ୍ୟମର ଭିଜୁଆଲ ଏଡିଟର ଅଶୋକ ପାଣିଗ୍ରାହୀଙ୍କ ମା' ଫୁଲ ତୋଳିବାକୁ ଯାଇଥିବାବେଳେ ତାଙ୍କ ଘରୁ ଦୁର୍ବୃତ୍ତମାନେ ୨୦୦ ଗ୍ରାମ ଓଜନର ପ୍ରାୟ ୯ଲକ୍ଷ ଟଙ୍କାର ସୁନାଗହଣା ଚୋରି କରିନେଇଛନ୍ତି। ଏ ନେଇ ଥାନାରେ ପୃଥକ ଭାବେ ଅଭିଯୋଗ ହେବା ପରେ ପୋଲିସ ତଦନ୍ତ ଜାରି ରଖିଛି।




ଭୁବନେଶ୍ୱର ବୁଦ୍ଧ ମନ୍ଦିର ପରିସରରେ ରମାକାନ୍ତ ରଥ ତୃତୀୟ ସ୍ମାରକୀ ଅଭିଭାଷଣରେ ପୁରସ୍କୃତ ହୋଇଥିବା ବ୍ୟକ୍ତିଙ୍କ ସହ ଅତିଥିମାନେ।

# ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଦାବିରେ ବିକ୍ଷୋଭ

ବାରଙ୍ଗ,୯।୨(ଡି.ଏନ୍.ଏ.)

ବାରଙ୍ଗ ବ୍ଲକର ତ୍ରିଶୂଳିଆ ଗ୍ରାମରେ ଗ୍ରାମ୍ୟ ପାନୀୟଜଳ ଯୋଗାଣ ପ୍ରକଳ୍ପ ଜରିଆରେ ପାନୀୟଜଳ ଯୋଗାଣ ନ ହେବା ଓ ତ୍ରିଶୂଳିଆ ସରକାରୀ ପ୍ରାଥମିକ ବିଦ୍ୟାଳୟ ବନ୍ଦ କରିବା ନିଷ୍ପତ୍ତି ତୁରନ୍ତ ପ୍ରତ୍ୟାହାର ଦାବିରେ ମଙ୍ଗଳବାର ଏସ୍‌ୟୁସିଆଇ(ସି) ପକ୍ଷରୁ ବ୍ଲକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏସ୍‌ୟୁସିଆଇ ବାରଙ୍ଗ ଆଞ୍ଚଳିକ କମିଟିର କର୍ମକର୍ତ୍ତାମାନେ ଯୋଗଦେଇ ତ୍ରିଶୂଳିଆ ଗ୍ରାମରେ ବିଶୁଦ୍ଧ ପାନୀୟ ଜଳଯୋଗାଣ ବ୍ୟବସ୍ଥା କାର୍ଯ୍ୟକାରୀ ହୋଇ ନ ଥିବା କହିଥିଲେ। ଏ ନେଇ ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ ସତ୍ତ୍ୱେ ସୁଫଳ ମିଳି ନାହିଁ। ଫଳରେ ଗ୍ରାମବାସୀ କୂଅ ଓ ନଳକୂପରୁ ପାଣି ଆଣି ବ୍ୟବହାର କରୁଛନ୍ତି। ହେଲେ ସେଥିରୁ ଆଇରନ ପାଣି ବାହାରୁଥିବାରୁ ଅଧିକାଂଶ ଲୋକେ ଜଣ୍ଡିସ୍ ଭଳି ରୋଗର ଶିକାର ହେଉଛନ୍ତି। ଏହାସହ ତ୍ରିଶୂଳିଆ ସରକାରୀ ପ୍ରାଥମିକ ବିଦ୍ୟାଳୟକୁ ଉପସ୍ଥାପନ କମ୍ ଥିବା ଆଳରେ ବନ୍ଦ କରିବାକୁ ସରକାରୀ ସ୍ତରରେ ନିଆଯାଇଥିବା ନିଷ୍ପତ୍ତିକୁ ଦଳ ବିରୋଧ କରିଛି। ଏହାଦ୍ୱାରା ପିଲାମାନେ ଟ୍ରାଫିକ ଅତିକ୍ରମ କରି ନରଣପୁର ବିଦ୍ୟାଳୟକୁ ପଢ଼ିବାକୁ ଯିବା ନିରାପଦ ନୁହେଁ ବୋଲି ବକ୍ତାମାନେ କହିଥିଲେ। ଏହି ଦାବିଗୁଡ଼ିକ ପୂରଣ ନ ହେଲେ ଆନ୍ଦୋଳନ ଜୋରଦାର୍ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଏକ ପ୍ରତିନିଧି ଦଳ ବିଡିଓ ପ୍ରଭାକର ପଣ୍ଡାଙ୍କୁ ଭେଟି ଏକ ସ୍ମାରକପତ୍ର ଦେଇଥିଲେ।

# ମହିଳାଙ୍କ ଫିଙ୍ଗର ପ୍ରିଣ୍ଟ ଯାଞ୍ଚ ପାଇଁ ହେବ ଆବେଦନ

ଭୁବନେଶ୍ୱର,୯।୨(ବ୍ୟୁରୋ)

**ମୁଣ୍ଡବିହୀନ ମହିଳାଙ୍କ ମୃତଦେହ ମିଳିବା ଘଟଣା**

- ରାଜ୍ୟର ୧୧ଜିଲାରେ ପୋଲିସର ତନାଘନା ଜାରି

ଚନ୍ଦକା ଥାନା ଅନ୍ତର୍ଗତ ଅନ୍ଧାରୁଆ-ଦାସପୁର ରାସ୍ତାରୁ ମିଳିଥିବା ମୁଣ୍ଡବିହୀନ ମହିଳାଙ୍କ ମୃତଦେହର ପରିଚୟ ପାଇବା ନେଇ କମିଶନରେଟ ପୋଲିସ ପ୍ରୟାସ ଜାରି ରଖିଛି। କୋଲ୍‌କାତା ସମେତ ରାଜ୍ୟର ୧୧ଜିଲାରୁ ମୁଣ୍ଡବିହୀନ ମହିଳାଙ୍କ ସମ୍ପର୍କରେ ପୋଲିସକୁ ଖବର ମିଳିବା ପରେ ପୋଲିସ ଟିମ୍ ସେଠାରେ ପହଞ୍ଚି ଛାନ୍‌ଭିନ କରୁଛି। ହେଲେ ମହିଳାଙ୍କ ସମ୍ପର୍କରେ ସନ୍ତୋଷଜନକ ତଥ୍ୟ ମିଳିପାରି ନାହିଁ। ସୋମବାର ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ଯାଜପୁର ବରୀ ଅଞ୍ଚଳ ଯାଇ ଯାଞ୍ଚ କରିଥିଲା। ହେଲେ ସେଠାରେ ଏହି ମହିଳାଙ୍କ ସମ୍ପର୍କରେ ସନ୍ତୋଷଜନକ ତଥ୍ୟ ପାଇପାରି ନାହିଁ। ଅନ୍ୟପକ୍ଷରେ ମହିଳାଙ୍କ ଫିଙ୍ଗର ପ୍ରିଣ୍ଟ ଯାଞ୍ଚ ପାଇଁ କୋର୍ଟରେ ଆବେଦନ କରାଯିବ ବୋଲି ଜଣାପଡ଼ିଛି। ଆଧାର କାର୍ଡ ମାଧ୍ୟମରେ ମହିଳାଙ୍କ ପରିଚୟ ମିଳିପାରିବ ଆଶା ରଖି ପୋଲିସ ଏଭଳି ଯୋଜନା କରିଛି। ସେହିପରି ମହିଳାଙ୍କ ମୃତଦେହ ଉଦ୍ଧାର ହେବାର ୬ ଦିନ ପୂରିଯାଇଥିଲେ ବି ମୃତଦେହକୁ ସଂରକ୍ଷଣ ଗୃହରେ ରଖାଯାଇଛି। ଆହୁରି କିଛି ଦିନ ମୃତ ଦେହ ରଖାଯିବ ବୋଲି ସୂଚନା ମିଳିଛି। ଏହାସହ ମହିଳାଙ୍କ ଡିଏନ୍‌ଏ ପ୍ରୋଫାଇଲିଂ ପାଇଁ କିଛି ନମୁନା ସଂଗ୍ରହ କରାଯିବ ବୋଲି ଜଣାପଡ଼ିଛି।

ଏସମ୍ପର୍କରେ ଭୁବନେଶ୍ୱର ଡିସିପି ଉମାଶଙ୍କର ଦାଶ କହିଛନ୍ତି, ବିଭିନ୍ନ ସ୍ଥାନରୁ ମହିଳା ନିଖୋଜ ନେଇ ଫୋନ୍ କଲ ଆସୁଛି। ଏହାପରେ ସେହି କଲ୍‌କୁ ଯାଞ୍ଚ କରାଯାଉଛି। ଏହି ଘଟଣାରେ ବିଭିନ୍ନ ଥାନାର କର୍ମଚାରୀଙ୍କୁ ମଧ୍ୟ ତଦନ୍ତ ପାଇଁ ସାମିଲ କରାଯାଇଛି। ସେହିପରି ସ୍ୱତନ୍ତ୍ର ପୋଲିସ ଟିମ୍ ମହିଳାଙ୍କ ସମ୍ପର୍କିତ ପୋଷ୍ଟର ଧରି ବିଭିନ୍ନ ବାହାର ରାଜ୍ୟ ସମେତ ରାଜ୍ୟର ବିଭିନ୍ନ ଜିଲା ଓ ବସ୍ତିରେ ବୁଲୁଛନ୍ତି ବୋଲି ଡିସିପି କହିଛନ୍ତି। ପ୍ରକାଶ ଯେ, ଗତ ୪ ତାରିଖ ପୂର୍ବାହ୍ନରେ ଚନ୍ଦକା ଥାନା ଅନ୍ତର୍ଗତ ଅନ୍ଧାରୁଆ-ଦାସପୁର ରାସ୍ତାରେ ଜଣେ ମହିଳାଙ୍କ ମୁଣ୍ଡବିହୀନ ମୃତଦେହ ମିଳିଥିଲା। ସମ୍ପୃକ୍ତ ମହିଳାଙ୍କ ବୟସ ୩୫ରୁ ୪୦ବର୍ଷ ହୋଇଥିବା ଜଣାପଡ଼ିଛି। ମହିଳାଙ୍କ ପରିଚୟ ମିଳି ନ ଥିବାବେଳେ, ତାଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଥିବା ପୋଲିସ ସନ୍ଦେହ କରିଛି। ଧରା ନ ପଡ଼ିବା ପାଇଁ ଦୁର୍ବୃତ୍ତମାନେ ମହିଳାଙ୍କ ମୁଣ୍ଡ କାଟି ନିଖୋଜ କରି ଦେଇଛନ୍ତି।

# ଆଜିଠୁ ୧୭ ଜିଲାରେ ଫାଇଲେରିଆ ଔଷଧ ସେବନ

ଭୁବନେଶ୍ୱର, ୯।୨(ବ୍ୟୁରୋ)

ଭାରତରେ ୫୦କୋଟିରୁ ଊର୍ଦ୍ଧ୍ୱ ଫାଇଲେରିଆ ରୋଗୀ ରହିଛନ୍ତି। ଦେଶରେ ୧୪ଟି ରାଜ୍ୟ ଫାଇଲେରିଆପ୍ରବଣ। ଏଥିମଧ୍ୟରେ ଓଡ଼ିଶା ରହିଛି। ୨୦୩୦ ସୁଦ୍ଧା ଭାରତରେ ଫାଇଲେରିଆ ମୂଳୋତ୍ପାଟନ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ତେଣୁ ଓଡ଼ିଶା ସରକାର ୧୭ଟି ଜିଲାରେ ଲସିକା ଫାଇଲେରିଆ (ଲିମ୍ଫାଟିକ ଫାଇଲେରିଆସିସ୍)ର ମୂଳୋତ୍ପାଟନ ପାଇଁ ସାମୂହିକ ଔଷଧ ସେବନ (ଏମ୍‌ଡିଏ) କାର୍ଯ୍ୟକ୍ରମ ଆରମ୍ଭ କରିବେ। କୋଭିଡ-୧୯ ନିୟମାବଳୀ ପାଳନ କରାଯାଇ ଏହା କାର୍ଯ୍ୟକାରୀ ହେବ। ପ୍ରଥମ ପର୍ଯ୍ୟାୟ ଏମ୍‌ଡିଏ କାର୍ଯ୍ୟକ୍ରମ ୧୦ତାରିଖ ଅର୍ଥାତ୍ ବୁଧବାରଠାରୁ ୧୯ତାରିଖ ଏବଂ ଦ୍ୱିତୀୟ ପର୍ଯ୍ୟାୟ ୨୫ରୁ ମାର୍ଚ୍ଚ ୬ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରଥମ ପର୍ଯ୍ୟାୟରେ ଭଦ୍ରକ, ବାଲେଶ୍ୱର, କଟକ, ଢେଙ୍କାନାଳ, ଝାରସୁଗୁଡ଼ା, ଖୋର୍ଦ୍ଧା, ନୂଆପଡ଼ା ଓ ନୟାଗଡ଼ ଜିଲାରେ ଔଷଧ ଦିଆଯିବ। ଦ୍ୱିତୀୟ ପର୍ଯ୍ୟାୟରେ ଅନୁଗୋଳ, ଗଞ୍ଜାମ, ମୟୂରଭଞ୍ଜ, ସୁନ୍ଦରଗଡ଼, କେନ୍ଦୁଝର, କନ୍ଧମାଳ, ସୋନପୁର, ବରଗଡ଼ ଓ ସମ୍ବଲପୁର ଜିଲାରେ ଏହି କାର୍ଯ୍ୟକ୍ରମ ହେବ। ଏ ନେଇ ମଙ୍ଗଳବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ତଥା ଭେକ୍ଟର ବର୍ନ ଡିଜିଜ୍‌ର ରାଜ୍ୟ ପ୍ରୋଗ୍ରାମ ଅଫିସର ଡା. ଶୁଭାଶିଷ ମହାନ୍ତି ସୂଚନା ଦେଇଛନ୍ତି। ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଓ ଗ୍ଲୋବାଲ ହେଲ୍‌ଥ ଷ୍ଟ୍ରାଟେଜିର ମିଳିତ ଆନୁକୂଲ୍ୟରେ ଆୟୋଜିତ ଗଣମାଧ୍ୟମ କର୍ମଶାଳାରେ ଏହି ସୂଚନା ଦିଆଯାଇଛି।

ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର କହିଛନ୍ତି, ମଶା କାମୁଡ଼ିବା ଦ୍ୱାରା ଫାଇଲେରିଆ ରୋଗ ହୋଇଥାଏ। ଦୀର୍ଘକାଳୀନ ଶାରୀରିକ ଅକ୍ଷମତା କ୍ଷେତ୍ରରେ ଫାଇଲେରିଆ ଅନ୍ୟତମ ମୁଖ୍ୟ କାରଣ। ଏହି ସଂକ୍ରମଣ ଲିମ୍ଫାଟିକ୍ ବ୍ୟବସ୍ଥାକୁ ନଷ୍ଟ କରିଦିଏ ଏବଂ ଯଦି ତା'ର ଚିକିତ୍ସା କରା ନ ଯାଏ ତେବେ ଶରୀରର ବିଭିନ୍ନ ଅଙ୍ଗରେ ଅସ୍ୱାଭାବିକ ଫୁଲା ସୃଷ୍ଟି କରେ। ଫାଇଲେରିଆରେ ସଂକ୍ରମିତ ଲୋକ ଅନେକ ସମୟରେ ଇସନଫୁଲିଆ, ଚର୍ମ କୁଣ୍ଡେଇ ହେବା, ହାଇଡ୍ରୋସିଲ୍, ଲିମ୍ଫୋଡେମା (ଅଙ୍ଗ ପ୍ରତ୍ୟଙ୍ଗରେ ଫୁଲା), କାଇଲୁରିଆ (ଦୁଗ୍ଧଭଳି ଧଳା ପରିସ୍ରା)ରେ ଆକ୍ରାନ୍ତ ହୋଇଥାନ୍ତି। ଫାଇଲେରିଆର କୌଣସି ଚିକିତ୍ସା ଉପଲବ୍ଧ ନାହିଁ, କିନ୍ତୁ ଏହାକୁ ଔଷଧ ସେବନ ଦ୍ୱାରା ରୋକାଯାଇପାରିବ। ଔଷଧ ସେବନ ପରେ ସାମାନ୍ୟ ପାର୍ଶ୍ୱ ପ୍ରତିକ୍ରିୟା ଦେଖାଯାଏ। ତେଣୁ ଏହି ଔଷଧ ସେବନକୁ ଅବହେଳା କରିବା ଅନୁଚିତ। ବିଭାଗର ସ୍ୱତନ୍ତ୍ର ସଚିବ ଡା. ଅଜିତ କୁମାର ମହାନ୍ତି କହିଥିଲେ, ଏହି ଅଭିଯାନରେ ୧୭ଟି ଜିଲାରେ ଆଶାକର୍ମୀଙ୍କ ସମେତ ୬୦ହଜାର ତାଲିମପ୍ରାପ୍ତ ସାମାଜିକ କର୍ମୀଙ୍କୁ ନିୟୋଜିତ କରାଯିବ। ଉକ୍ତ କର୍ମଶାଳାରେ ପରିବାର କଲ୍ୟାଣ ନିର୍ଦ୍ଦେଶକ ଡା. ବିଜୟ ପାଣିଗ୍ରାହୀ, ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ ଡା. ବିଜୟ ମହାପାତ୍ର, ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ପ୍ରତିଷ୍ଠାନ ନିର୍ଦ୍ଦେଶକ ଡା. ଅମରେନ୍ଦ୍ରନାଥ ମହାନ୍ତି, ଗ୍ଲୋବାଲ ହେଲ୍‌ଥ ଷ୍ଟ୍ରାଟେଜିର ନିର୍ଦ୍ଦେଶକ ଅନୁଜ ଘୋଷ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ଏକ ଜନଆନ୍ଦୋଳନରେ ପରିଣତ କରାଯିବ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସ କହିଛନ୍ତି।

**ଟ୍ରାଫିକ୍ ସଚେତନତା କାର୍ଯ୍ୟକ୍ରମ**

କଟକ ଅଫିସ: କଟକ ଦୋଳମୁଣ୍ଡାଇ ଛକଠାରେ କମିଶନରେଟ ପୋଲିସ ଏବଂ କମନ୍ ଆକ୍ସନ ଫର୍ ରୋଡ ମିଳିତ ଆନୁକୂଲ୍ୟରେ ମଙ୍ଗଳବାର ଟ୍ରାଫିକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜୋନ୍-୬ ଏସିପି ଶୁଭ ନାରାୟଣ ମୁଦୁଲି ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ପଥପ୍ରାନ୍ତ ନାଟକ ଆୟୋଜନ କରାଯାଇଥିଲା। ମଧୁପାଟଣା ଆଇଆଇସି ତୁଷାରକାନ୍ତ ସେଠୀ, ପୁରୀଘାଟ ଆଇଆଇସି ରଶ୍ମୀରଞ୍ଜନ ସାହୁ ଏଥିରେ ଯୋଗଦେଇ ଟ୍ରାଫିକ୍ ନିୟମ ପାଳନ କରୁଥିବା ଗାଡ଼ି ଚାଳକମାନଙ୍କୁ ଫୁଲ ଦେଇଥିଲେ। ଯେଉଁ ଚାଳକମାନେ ବିନା ହେଲ୍‌ମେଟ୍‌ରେ ଗାଡି ଚଳାଉଥିଲେ, ସେମାନଙ୍କୁ ହେଲ୍‌ମେଟ୍‌ର ଗୁରୁତ୍ୱ ବିଷୟରେ ବୁଝାଇବା ସହ ନୂତନ ହେଲ୍‌ମେଟ୍ ପ୍ରଦାନ କରିଥିଲେ।

# ହାତୀଦାନ୍ତ ପାଇଁ ବଢୁଛି ଶିକାର

**ଭୁବନେଶ୍ୱର, ୯।୨(ବ୍ୟୁରୋ)**



ହାତୀ-ମଣିଷ ଲଢ଼େଇରେ ଉଭୟ ହାତୀ ଓ ମଣିଷ ବଳି ପଡୁଛନ୍ତି। ହାତୀ ପରିବେଶପ୍ରେମୀ ଓ ବନ୍ୟପ୍ରାଣୀପ୍ରେମୀଙ୍କ ସମର୍ଥନ ପାଉଥିବାବେଳେ ମଣିଷ ଦଳମତ ନିର୍ବିଶେଷରେ ରାଜନେତାଙ୍କ ସମର୍ଥନ ପାଉଛି। ନିଜ ଫସଲକୁ ରକ୍ଷା କରିବା ପାଇଁ ଲୋକଙ୍କ ଦ୍ୱାରା ବିଛାଯାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି କିମ୍ବା ରେଳ ଧକ୍କାରେ ଯଦିଓ ହାତୀ ମରୁଛନ୍ତି, କିନ୍ତୁ ଏହାର ଆଢୁଆଳରେ ରୀତିମତ ହାତୀଦାନ୍ତର ଚୋରା କାରବାର ବଢ଼ିବାରେ ଲାଗିଛି। ଦାନ୍ତ ପାଇଁ ମଧ ହାତୀ ଶିକାର ବଢ଼ିଚାଲିଛି, ଯାହା ଏବେ ବନ୍ୟପ୍ରାଣୀ ବିଶେଷଜ୍ଞଙ୍କୁ ବ୍ୟଥିତ କରୁଛି।

## ଚାଲିଛି ଚୋରା କାରବାର

ଭାରତ ତଥା ଓଡ଼ିଶାରେ ଯଦିଓ ଖୋଲାଖୋଲି ଭାବେ ହାତୀଦାନ୍ତ ନିର୍ମିତ ପ୍ରସାଧନ ସାମଗ୍ରୀ, ଗହଣା ବିକ୍ରି ବା ବ୍ୟବହାର କରାଯାଉନାହିଁ, କିନ୍ତୁ ହାତୀଦାନ୍ତ ଜବତ ହେବା ଘଟଣା ଦିନକୁ ଦିନ ବଢୁଥିବା କଥା ୱାଇଲ୍ଡ ଲାଇଫ୍ ସୋସାଇଟି (ଡବ୍ଲ୍ୟୁଏସ୍‌ଓ)ର ଏକ ପରିସଂଖ୍ୟାନରୁ ଜଣାପଡ଼ିଛି। ଓଡ଼ିଶାରେ ୨୦୧୨ ମସିହାରୁ ଏପର୍ଯ୍ୟନ୍ତ ଅର୍ଥାତ୍ ଗତ ୯ ବର୍ଷରେ ପ୍ରାୟ ୧୧୬ କିଲୋଗ୍ରାମରୁ ଊର୍ଦ୍ଧ୍ୱ ଓଜନର ହାତୀଦାନ୍ତ ଜବତ ହୋଇଛି। ଏହି ମାମଲାରେ ଜଡ଼ିତ ୬୯ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଏଥିମଧ୍ୟରେ ୨୦୧୨ ଓ ୨୦୧୩ରେ ଗୋଟିଏ ଲେଖାଏ, ୨୦୧୬ରେ ୩ଟି, ୨୦୧୭ରେ ୫ଟି, ୨୦୧୮ରେ ୨ଟି ଏବଂ ୨୦୨୦ରେ ୫ଟି ମାମଲା ରହିଛି। କିନ୍ତୁ ୨୦୨୧ ଜାନୁୟାରୀ ୧୪ରେ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ସମ୍ବଲପୁରରୁ ୧୦ କେଜି ଓଜନର ୨ଖଣ୍ଡ ହାତୀଦାନ୍ତ ଜବତ କରିଥିଲା। ସେହିପରି ଫେବୃୟାରୀ ୭ତାରିଖରେ କେନ୍ଦୁଝର ସହର ଭିତରୁ ୨ଟି ପୂର୍ଣ୍ଣ ହାତୀଦାନ୍ତ ଜବତ କରାଯାଇଛି। ଏ ସମ୍ପର୍କରେ ଡବ୍ଲ୍ୟୁଏସ୍‌ଓ ସମ୍ପାଦକ ବିଶ୍ୱଜିତ ମହାନ୍ତି କହିଛନ୍ତି, ଓଡ଼ିଶାରେ ବନ୍ୟପ୍ରାଣୀ ଏବେ ବିପଦ ମୁଖରେ। ହାତୀଦାନ୍ତ ଠାରୁ ଆରମ୍ଭ କରି ବାଘଛାଲ ଓ ବଜ୍ରକାପ୍ତା ଚାଲାଣ ଦ୍ରୁତ ଗତିରେ ବଢ଼ି ଚାଲିଛି। ବନ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନାହିଁ। ଯାହା କେଉଁଠି ବି ଜବତ ହେଉଛି ତାହା କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ପକ୍ଷରୁ ହେଉଛି। ଏ ସବୁ ରୋକିବାରେ ବନ ବିଭାଗ ସମ୍ପୂର୍ଣ୍ଣ ଅସଫଳ। ବିଭାଗ ଏପରି କି ମନ୍ତ୍ରୀ ମଧ ଏ ଦିଗରେ ଧ୍ୟାନ ଦେଉ ନାହାନ୍ତି। ଯଦି ମନ୍ତ୍ରୀ ଏ ଦିଗରେ ଦୃଷ୍ଟି ଦିଅନ୍ତେ ଏବଂ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତେ, ତେବେ କିଛି ମାତ୍ରାରେ ଏହା ରୋକାଯାଇପାରନ୍ତା।

## ହାତୀଦାନ୍ତର ବ୍ୟବହାର

ହାତୀଦାନ୍ତର ଚାହିଦା ଏବେ ନୁହେଁ, କାହିଁ କେଉଁ ରାଜାରାଜୁଡ଼ା ଅମଳରୁ ରହିଆସିଛି। ଆଗକୁ ମଧ ଏହାର ଚାହିଦା କମିବାର ଲକ୍ଷଣ ଦେଖାଯାଉନାହିଁ। କାରଣ ଅନେକ କାମରେ ହାତୀଦାନ୍ତର ବ୍ୟବହାର ହୋଇଥାଏ। ହାତୀଦାନ୍ତରେ ମଣିଷର ସୌନ୍ଦର୍ଯ୍ୟବର୍ଦ୍ଧକ ସାମଗ୍ରୀ, ଗହଣା ସାଙ୍ଗକୁ ଘରକରଣା ଉପକରଣ ପ୍ରଭୃତି ତିଆରି କରାଯାଏ। ଯାହାକୁ ମଣିଷ ନିଜେ ବ୍ୟବହାର କରିବା ସହ ଓ ଘର ସଜେଇବା ପାଇଁ ବ୍ୟବହାର କରିଥାଏ। ହାତୀଦାନ୍ତର ଗହଣା ବିଶେଷକରି ଆଭିଜାତ୍ୟ ବା ଧନୀକ ବର୍ଗର ଅଧିକ ପସନ୍ଦ। ହାତୀଦାନ୍ତ ନିର୍ମିତ ଚାମଚ, ସିନ୍ଦୁକ, ବ୍ରେସ୍‌ଲେଟ, ମୁଦି, ମହିଳାଙ୍କ ହେୟାର ପିନ୍, ଚୁଡ଼ି, ଶଙ୍ଖା ଇତ୍ୟାଦି ଲକ୍ଷ ଲକ୍ଷ ଟଙ୍କାରେ ବିକ୍ରି ହୋଇଥାଏ। କେବଳ ସେତିକି ନୁହେଁ ଛୁରି ବା ଖଣ୍ଡାର ମୁଠା ହେଉ ବା ନିଜ ମନ ପସନ୍ଦର ଠାକୁର କିମ୍ବା କୌଣସି ଚରିତ୍ରର ମୂର୍ତ୍ତି ପାଇଁ ମଧ ହାତୀଦାନ୍ତକୁ ବ୍ୟବହାର କରାଯାଇଥାଏ।

## ଆନ୍ତର୍ଜାତିକ ବଜାରରେ ଚାହିଦା

ଆନ୍ତର୍ଜାତିକ ବଜାରରେ ହାତୀଦାନ୍ତର ମୂଲ୍ୟ ସୁନା ଭଳି ଅଧିକ। ୨୦୧୯ରେ ବିଶ୍ୱରେ ସବୁଠାରୁ ଅଧିକ ହାତୀଦାନ୍ତ ବ୍ୟବହାର କରୁଥିବା ଏକ ନମ୍ବର ଦେଶ ଥିଲା ଚାଇନା। ଏହା ପଛକୁ ପଛ ଥିଲେ ଜାପାନ, ଥାଇଲାଣ୍ଡ ଏବଂ ଯୁକ୍ତରାଷ୍ଟ୍ର ଆମେରିକା। ତେବେ ହାତୀଦାନ୍ତ ପାଇଁ ମୁଖ୍ୟତଃ ଆଫ୍ରିକୀୟ ଏବଂ ଏସୀୟ ଦେଶରେ ହାତୀ ଶିକାର କରାଯାଇଥାଏ। ଭାରତରୁ ବଜ୍ରକାପ୍ତା ଏବଂ ବାଘଛାଲ ଯେଉଁ ପଥ ଦେଇ ବିଦେଶକୁ ଚୋରାରେ ରପ୍ତାନି ହୁଏ, ସେହି ବାଟ ଦେଇ ମଧ ହାତୀଦାନ୍ତ ବିଦେଶକୁ ଚାଲାଣ କରାଯାଇଥାଏ ଏବଂ ସେହି ଏକା ର୍‍ୟାକେଟ ମାଧ୍ୟମରେ ଏହା ହୋଇଥାଏ ବୋଲି ବନ୍ୟପ୍ରାଣୀ ବିଶେଷଜ୍ଞ ଶୁଭେନ୍ଦୁ ମଲ୍ଲିକ କହିଛନ୍ତି।

**ରିପୋର୍ଟ- ଅସମାପିକା ସାହୁ**

## ସଂକ୍ଷେପରେ

### ଭାଜପାର ପ୍ରଶିକ୍ଷଣ ଶିବିର

**ଚୌଦ୍ୱାର,୯।୨(ଡି.ଏନ୍.ଏ.):** ଇନ୍ଦ୍ରାଣୀପାଟଣା ଭାଜପା ମଣ୍ଡଳର ପ୍ରଶିକ୍ଷଣ ଶିବିର ବାଣୀପଦା ପଞ୍ଚାୟତରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଭାଜପା କଟକ ଜିଲା ସଭାପତି ପ୍ରକାଶ ଚନ୍ଦ୍ର ବେହେରା ଏହାକୁ ଉଦ୍‌ଘାଟନ କରିଥିଲେ। ଜୟନ୍ତ କୁମାର ସ୍ୱାଇଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଶିବିରରେ ଜିଲା ପ୍ରଭାରୀ ଅମର ନାୟକ, କାର୍ଯ୍ୟକାରିଣୀ ସଦସ୍ୟ ନୟନ କିଶୋର ମହାନ୍ତି, ଚୌଧୁରୀ ହେମନ୍ତ କୁମାର ସାହୁ, ଦିଲ୍ଲୀପ ମଲ୍ଲିକଙ୍କ ସମେତ ବହୁ କର୍ମକର୍ତ୍ତା ଯୋଗଦେଇ ଦଳର ୭ଟି ଶୃଙ୍ଖଳା ଉପରେ ପ୍ରଶିକ୍ଷଣ ଦେଇଥିଲେ।

### କୁମାରପୁର ହାଇସ୍କୁଲ ୧୯୮୪ ବ୍ୟାଚ୍ ବନ୍ଧୁମିଳନ

**ଖୁଣ୍ଟୁଣୀ,୯।୨(ଡି.ଏନ.ଏ.):** ଆଠଗଡ଼ ବ୍ଲକ ଅଧୀନ କୁମାରପୁର ହାଇସ୍କୁଲ ୧୯୮୪ ବ୍ୟାଚ୍‌ର ବନ୍ଧୁମିଳନ ଉତ୍ସବ ସୋମବାର ଚୌଦ୍ୱାରସ୍ଥିତ ଆଗ୍ରାହାଟଠାରେ ହୋଇଯାଇଛି। ବରିଷ୍ଠ ସଭ୍ୟ ତାପସ କୁମାର ସ୍ୱାଇଁଙ୍କ ଆବାହକତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ବ୍ଲକ ଅଧକ୍ଷା ମିନତି ଆଚାର୍ଯ୍ୟ, ମିନର୍ଭା ମହାପାତ୍ର, ଗୀତାଞ୍ଜଳି ସାହୁ, ପ୍ରକାଶ ଚନ୍ଦ୍ର କରଣ, ଦ୍ୱୈତାରି ସେଠୀ, ନାରାୟଣ ବେହେରା, ପ୍ରତାପ ପ୍ରଧାନଙ୍କ ସମେତ ୭୪ ଜଣ ଯୋଗଦେଇ ଗତ ଦିନର ସ୍ମୃତିକୁ ମନେପକାଇଥିଲେ। ପ୍ରଥମେ ଦିବଂଗତ ସଭ୍ୟ ସୁନୀଲ ଚୌଧୁରୀ, ବିଚିତ୍ରାନନ୍ଦ ସାମଲ ଓ ସଚଳାବତୀ ସାହୁଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ସହ ୨ ମିନିଟ୍ ନୀରବ ପ୍ରାଥନା କରାଯାଇଥିଲା।

### ଶିଖରପୁର ଅଣ୍ଡର ପାସ୍ ପ୍ରୋଜେକ୍ଟ କାର୍ଯ୍ୟକ୍ଷମ ଦାବି

**କଟକ ଅଫିସ, ୯।୨:** ୧୬ ନଂ. ଜାତୀୟ ରାଜପଥର ଶିଖରପୁର ଟ୍ରାଫିକ କଟ୍ ପଏଣ୍ଟରେ ପ୍ରତିଦିନ ବହୁ ସଂଖ୍ୟକ ଲୋକ ରାସ୍ତାର ଉଭୟ ପାର୍ଶ୍ୱକୁ ଯାତାୟାତ କରିଥାନ୍ତି। ଉକ୍ତ ସ୍ଥାନରେ ଅଣ୍ଡର ପାସ୍ ନ ଥିବାରୁ ବହୁ ସମୟରେ ଦୁର୍ଘଟଣା ଘଟୁଛି। ଦୁର୍ଘଟଣା ଏଡାଇବା ପାଇଁ ୨୦୧୯ ଫେବୃୟାରୀ ୨୮ ତାରିଖରେ ମନ୍ତ୍ରୀ ଭିଡିଓ କନ୍‌ଫରେନ୍ସି ମାଧ୍ୟମରେ ଉକ୍ତ ସ୍ଥାନରେ ଅଣ୍ଡର ପାସ୍ ପ୍ରୋଜେକ୍ଟ ପାଇଁ ଭୂମିପୂଜନ କରିଥିଲେ। ଏହି କାର୍ଯ୍ୟ ୨ ବର୍ଷ ମଧରେ ସାରିବା ପାଇଁ ଜାତୀୟ ରାଜପଥ ପ୍ରାଧିକରଣ ନିଷ୍ପତ୍ତି ନେଇଥିଲା। ହେଲେ ଆଜିପର୍ଯ୍ୟନ୍ତ କାର୍ଯ୍ୟ ଆରମ୍ଭ ହୋଇନାହିଁ। ଏହାକୁ ନେଇ ଜନ ଅସନ୍ତୋଷ ବୃଦ୍ଧି ପାଉଛି ବୋଲି ଭାଜପା ଯୁବମୋର୍ଚ୍ଚା କଟକ ନଗର ଜିଲା ପକ୍ଷରୁ ଅଭିଯୋଗ ହୋଇଛି। ରାଜ୍ୟ ଭାଜପା ଯୁବମୋର୍ଚ୍ଚା ସଂଯୋଜକ ସ୍ମୃତିରଞ୍ଜନ ମିଶ୍ରଙ୍କ ନେତୃତ୍ୱରେ ନଗର ଭାଜପା ଯୁବମୋର୍ଚ୍ଚା ସଭାପତି ସ୍ୱାଧୀନ ମହାନ୍ତି, ଭାଜପା ନେତା ସଞ୍ଜୟ ଜେନା, ପ୍ରମୋଦ ସାହୁ, ସଞ୍ଜୀବ ଚିନାରା, ଗଗନ ଓଝା ପ୍ରମୁଖ ଉକ୍ତ ଅଣ୍ଡର ପାସ୍ ପ୍ରୋଜେକ୍ଟ ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ ଜାତୀୟ ରାଜପଥ ପ୍ରାଧିକରଣ ଆଞ୍ଚଳିକ ଅଧିକାରୀ ଡ. ରାମପ୍ରସାଦ ପଣ୍ଡାଙ୍କୁ ଏକ ଦାବିପତ୍ର ମଙ୍ଗଳବାର ପ୍ରଦାନ କରିଥିଲେ।



ସିଡିଏ ପେଟାନାଳ ଜଳ ମଧରେ ଖାଦ୍ୟ ଅନ୍ୱେଷଣରେ ପକ୍ଷୀମାନେ।

# ଧାନ କ୍ରୟ ପ୍ରକ୍ରିୟାକୁ ନେଇ ଚିନ୍ତାରେ ଚାଷୀ

**କଟକ ସଦର,୯।୨(ଡି.ଏନ.ଏ.)**

**୨୨୫ ମଣ୍ଡିକୁ ୧ ଲକ୍ଷ କ୍ୱିଣ୍ଟାଲ ଟାର୍ଗେଟ୍**

କଟକ ସଦର ବ୍ଲକ ଅଧୀନ ୮ଟି ମଣ୍ଡିରେ ୨୦୨୧ ଜାନୁୟାରୀରୁ ଧାନ ସଂଗ୍ରହ ଜୋର୍‌ସୋର୍‌ରେ ଚାଲିଛି। ମାତ୍ର ୫ ସପ୍ତାହ ଚାଲିବା ପରେ ସେବା ସମବାୟ ସମିତିଗୁଡିକୁ ନୂଆ ଟାର୍ଗେଟ୍ ଦିଆଯାଉ ନ ଥିବାରୁ ମଣ୍ଡି ବନ୍ଦ ହେବା ଆଶଙ୍କା ଦେଖାଦେଇଛି। ଗତିରାଉତପାଟଣା ସେବା ସମବାୟ ସମିତିରେ ୯୨ ଜଣ ଚାଷୀ ଟୋକନ ପାଇଥିବାବେଳେ ମଙ୍ଗଳବାର ମାତ୍ର ୨୫ ଜଣଙ୍କଠାରୁ ୬୦୦ କ୍ୱିଣ୍ଟାଲ ଧାନ କିଣାଯାଇଛି। ଏହାକୁ ନେଇ ଅନ୍ୟ ଚାଷୀମାନେ ଉତ୍‌କ୍ଷିପ୍ତ ହୋଇ ସମିତିର ପୂର୍ବତନ ସଭାପତି ସୁଶାନ୍ତ କୁମାର ରାଉତଙ୍କ ନିକଟରେ ଅଭିଯୋଗ କରିଥିଲେ। ସରକାର ଠିକ୍ ସମୟରେ ଟାର୍ଗେଟ୍ ନ ଦେଲେ ମଣ୍ଡି ବନ୍ଦ କରିବା ପାଇଁ ବାଧ୍ୟ ହେବୁ ବୋଲି ରାଉତ କହିଛନ୍ତି। ଏଭଳି ପ୍ରକ୍ରିୟାକୁ ନେଇ ଚାଷୀ ଚିନ୍ତାରେ ପଡିଛନ୍ତି। ଗତ ୮ ତାରିଖରେ କଟକ ଯୋଗାଣ କାର୍ଯ୍ୟାଳୟ ପକ୍ଷରୁ ଜିଲା ପାଇଁ ୨ ଲକ୍ଷରୁ ଊର୍ଦ୍ଧ୍ୱ କ୍ୱିଣ୍ଟାଲ ଧାନ କ୍ରୟ ଲାଗି ସରକାରଙ୍କଠାରୁ ଅନୁମତି ଲୋଡା ଯାଇଥିଲା। ହେଲେ ଜିଲାର ୨୨୫ ମଣ୍ଡି ପାଇଁ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି ବ୍ୟାପାର ବିଭାଗ ପକ୍ଷରୁ ୧ ଲକ୍ଷ କ୍ୱିଣ୍ଟାଲ ପାଇଁ ଅନୁମତି ଦିଆଯାଇଛି। ଗତବର୍ଷର କିଣାକୁ ଦୃଷ୍ଟିରେ ରଖି ମଣ୍ଡି ପିଛା ୪୦୦ରୁ ୭୦୦ କ୍ୱିଣ୍ଟାଲ ଟାର୍ଗେଟ୍ ଦିଆଯାଇଥିବା ଜଣାପଡିଛି। ୨୦୨୦-୨୧ ଆର୍ଥିକ ବର୍ଷରେ ଜିଲାରେ ୬୧,୩୮୨ ଜଣ ଚାଷୀ ଧାନ ବିକ୍ରି ପାଇଁ ନାମ ପଞ୍ଜୀକରଣ କରିଛନ୍ତି। ଚଳିତବର୍ଷ ଜିଲାର ବିଭିନ୍ନ ମଣ୍ଡିରୁ ୧୨ ଲକ୍ଷ ୯୦ ହଜାର କ୍ୱିଣ୍ଟାଲ ଧାନ କିଣାଯାଇଛି। ୨୦୧୯-୨୦ ବର୍ଷରେ କୋଭିଡ୍ ପାଇଁ ମାର୍ଚ୍ଚ ମାସରୁ ମଣ୍ଡି ବନ୍ଦ ରହିଥିଲା। ସେଥିପାଇଁ ଜିଲାରେ ୧୪ ଲକ୍ଷ ୯୫ ହଜାର କ୍ୱିଣ୍ଟାଲ ଧାନ କିଣାଯାଇଥିଲା। ସମସ୍ୟା ସମ୍ପର୍କରେ ଜିଲା ଧାନକ୍ରୟ ଅଧିକାରୀ ଜ୍ଞାନେନ୍ଦ୍ରିୟ ମିଶ୍ରଙ୍କୁ ପଚାରିବାରୁ ସରକାରୀ ନିଷ୍ପତ୍ତି ଅନୁଯାୟୀ ସବୁକିଛି ଚାଲିଛି ବୋଲି କହିଥିଲେ।

## ପ୍ରଭାସିନୀ ହତ୍ୟା ଘଟଣା, ୨ ଗିରଫ

**କଟକ ସଦର,୯।୨(ଡି.ଏନ.ଏ.)**

କଟକ ସଦର ଥାନା ଅଧୀନ ଗୋପାଳପୁର(ଜଗନ୍ନାଥ ବିହାର)ର ପ୍ରଭାସିନୀ ପ୍ରଧାନ ନାମ୍ନୀ ମହିଳାଙ୍କୁ ହତ୍ୟା କରିବା ଅଭିଯୋଗରେ ପୋଲିସ ୨ ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେମାନେ ହେଲେ କ୍ୟାଣ୍ଟନମେଣ୍ଟ ଥାନା ଅଧୀନ ମଣିସାହୁ ଛକର ସେକ୍ ରାଜା ଓ ଅନୁଗୋଳର ଆଲୋକ କୁମାର ସାହୁ। ରାଜାଙ୍କଠାରୁ ପ୍ରଭାସିନୀଙ୍କ ସୁନା ଅଳଙ୍କାର ଓ ମୋବାଇଲକୁ ପୋଲିସ ଜବତ କରିଛି। ଜାମିନ ନାମଞ୍ଜୁର ହେବା ପରେ ସେମାନଙ୍କୁ ଚୌଦ୍ୱାର ଜେଲ୍‌କୁ ପଠାଇ ଦିଆଯାଇଛି। ୨୦୨୦ ଅକ୍ଟୋବର ୨୦ ତାରିଖ ରାତିରେ ଦୁର୍ବୃତ୍ତମାନେ ଠିକାଦାରି ପାଇଁ ଜଗନ୍ନାଥ ବିହାରସ୍ଥିତ ଘରେ ପଶି ପ୍ରଭାସିନୀଙ୍କୁ ହତ୍ୟା କରିଥିଲେ। ଏହି ଘଟଣାରେ ପୋଲିସ ଏକ ମାମଲା ରୁଜୁ କରିଥିବା ବେଳେ ଅଭିଯୁକ୍ତମାନେ ଫେରାର ହୋଇଯାଇଥିଲେ।

## ଜେଲରେ ପରୀକ୍ଷା ଦେଲେ ୧୬୨ ଅନ୍ତେବାସୀ

**ଚୌଦ୍ୱାର,୯।୨(ଡି.ଏନ୍.ଏ.)**

ଚୌଦ୍ୱାର ଜେଲରେ ୧୬୨ଜଣ ଅନ୍ତେବାସୀ ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ(ଇଗ୍ନୁ) ଅଧୀନ ସ୍ନାତକ, ସ୍ନାତକୋତ୍ତର ଓ ଡିପ୍ଲୋମା ପରୀକ୍ଷା ଦେଉଛନ୍ତି। ଜେଲ ଭିତରେ ଗତ ସୋମବାରଠାରୁ ଏହି ପରୀକ୍ଷା ଆରମ୍ଭ ହୋଇଥିବାବେଳେ ଢେଙ୍କାନାଳ ଜେଲ୍‌ର ୪୦ଜଣ, ଚୌଦ୍ୱାର ଜେଲ୍‌ର ୧୦୦ଜଣ ଓ ଅନୁଗୋଳ ଜେଲ୍‌ର ୨୨ ଜଣ ପରୀକ୍ଷା ଦେଉଛନ୍ତି। ଏହି ପରୀକ୍ଷା ପାଇଁ ଚୌଦ୍ୱାର ଜେଲ୍‌ରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିବାବେଳେ ଇଗ୍ନୁର କର୍ମକର୍ତ୍ତାମାନେ ପରୀକ୍ଷା ପରିଚାଳନା କରୁଛନ୍ତି। ଏହି ପରୀକ୍ଷା ଆସନ୍ତା ମାର୍ଚ୍ଚ ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଜେଲର ଅବିନାସ ବେହେରା କହିଛନ୍ତି।

## ପୋଷ୍ୟ ସ୍କୁଲ ହେଲା ଓଡ଼ିଶା ପୋଲିସ ହାଇସ୍କୁଲ

**କଟକ ଅଫିସ, ୯।୨**

ମୋ ସ୍କୁଲ ଅଭିଯାନର ଅଧକ୍ଷା ସୁସ୍ମିତା ବାଗ୍‌ଚୀ କଟକ ତୁଳସୀପୁରସ୍ଥିତ ଓଡ଼ିଶା ପୋଲିସ ହାଇସ୍କୁଲକୁ ମଙ୍ଗଳବାର ଗସ୍ତ କରିଥିଲେ। ପରେ ପ୍ରଧାନଶିକ୍ଷୟିତ୍ରୀ ସୁଜାତା ବେହେରାଙ୍କଠାରୁ ବିଦ୍ୟାଳୟର ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ଏହି ଆଲୋଚନା ପରେ ବାଗ୍‌ଚୀ ଉକ୍ତ ସ୍କୁଲକୁ ପୋଷ୍ୟ ସ୍କୁଲ ଭାବେ ଗ୍ରହଣ କରିଛନ୍ତି। ଆଗାମୀ ଦିନରେ ବିଦ୍ୟାଳୟରେ ଶିକ୍ଷାର ବିକାଶ ସମେତ ଆନୁଷଙ୍ଗିକ ଉନ୍ନତୀକରଣକୁ ମିଳିତ ଭାବେ ଗୁରୁତ୍ୱ ଦେବାକୁ ବାଗ୍‌ଚୀ କହିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ନୋଡାଲ ଅଫିସର ପ୍ରମଥନାଥ ଦେ, ରୀତା ବୋରାହ ମହାନ୍ତି ଉପସ୍ଥିତ ଥିଲେ।

# ଏନ୍‌ଏସି କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା

**ବାଙ୍କୀ,୯।୨(ସ୍ୱ.ପ୍ର./ବି.ପ୍ର.)**



କଂଗ୍ରେସ କର୍ମୀମାନେ ଧାରଣାରେ ବସିଛନ୍ତି।

**ୟୁଜର ଫି ଆଦାୟ ବନ୍ଦ କରିବାକୁ ଦାବି**

ବାଙ୍କୀ ଏନ୍‌ଏସି ଅଞ୍ଚଳରୁ ଆଦାୟ ହେଉଥିବା ୟୁଜର ଫି ବନ୍ଦ କରିବାକୁ ମଙ୍ଗଳବାର କଂଗ୍ରେସ ପକ୍ଷରୁ ଦାବି ହୋଇଛି। ଏନେଇ ପୂର୍ବତନ ବିଧାୟକ ତଥା ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ଉପସଭାପତି ଡ.ଦେବାଶିଷ ପଟ୍ଟନାୟକଙ୍କ ନେତୃତ୍ୱରେ ଏନ୍‌ଏସି କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ଏହି ଅବସରରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବାଙ୍କୀ ଉପଜିଲାପାଳ ରଞ୍ଜନ କୁମାର ଜେନାଙ୍କୁ ସ୍ମାରକ ପତ୍ର ଦିଆଯାଇଛି। ଏହାର ଏକ ନକଲ ମୁଖ୍ୟମନ୍ତ୍ରୀ, ୫-ଟି ସଚିବ, ମୁଖ୍ୟ ଶାସନ ସଚିବ, ନଗର ଉନ୍ନୟନ ବିଭାଗ ସଚିବ,ଜିଲାପାଳ ଓ ଜିଲା ପ୍ରକଳ୍ପ ନିର୍ଦ୍ଦେଶକଙ୍କ ପାଖକୁ ପଠାଯାଇଛି। କଂଗ୍ରେସର ଅଭିଯୋଗ ଅନୁଯାୟୀ,ଏନ୍‌ଏସି କର୍ତ୍ତୃପକ୍ଷ ଦଳୀୟ ଭିତ୍ତିରେ ଏନ୍‌ଏସିରେ କର୍ମଚାରୀମାନଙ୍କୁ ନିଯୁକ୍ତି ଦେଇଛନ୍ତି। ମାତ୍ର ସେମାନଙ୍କୁ ଦରମା ଦେବା ବାବଦରେ କୌଣସି ପାଣ୍ଠି ନ ଥିବାରୁ ୟୁଜର୍ ଫି ନାମରେ ଏନ୍‌ଏସି ଅନ୍ତର୍ଗତ ୧୭ଟି ଓାର୍ଡରେ ଜୋରଜବରଦସ୍ତ ଟଙ୍କା ଆଦାୟ କରାଯାଉଛି । ଅଞ୍ଚଳବାସୀ କରୋନା ମହାମାରୀ ଯୋଗୁ ୧୦ ମାସ ହେବ ରୋଜଗାର ହରାଇଥିବାବେଳେ ଏହି ଅର୍ଥ ଆଦାୟ ବୋଝ ଉପରେ ନଳିତା ବିଡ଼ା ଲଦି ହେବା ପରି ହୋଇଯାଇଛି। କଂଗ୍ରେସ ନେତା ସୂର୍ଯ୍ୟମଣି ତ୍ରିପାଠୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଧାରଣାରେ ବରିଷ୍ଠ କଂଗ୍ରେସ ନେତା କ୍ଷେତ୍ରବାସୀ ଦାଶ, କାଶିନାଥ ମହାପାତ୍ର, ଗୋପୀନାଥ ବେହେରା, ପ୍ରଦୀପ ମହାପାତ୍ର, ଅମୀୟ ନାୟକ, ରାକେଶ କୁମାର ବେହେରା, ଶଶାଙ୍କ ଶେଖର ସାହୁ ପ୍ରମୁଖ ସାମିଲ ହୋଇଥିଲେ। ସ୍ମାରକପତ୍ର ଦେବା ସମୟରେ ବାଙ୍କୀ ଉପଜିଲାପାଳ ଜେନା ପ୍ରତିମାସରେ ୟୁଜର୍ ଫି ବାବଦରେ କେବଳ ୧୫ ଟଙ୍କା ଲେଖାଏ ଆଦାୟ କରିବାକୁ କହିଥିଲେ। ମାତ୍ର କଂଗ୍ରେସ ପକ୍ଷରୁ ଏହାକୁ ପ୍ରତ୍ୟାଖ୍ୟାନ କରାଯାଇଛି।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ସୁଶୀଲ



@ ଅଜୟ



@ ମାନସ



@ ପିନୁ



@ ସମିମ୍



@ ରୋଜାଲିନ



@ ସାଗର

## ସଂକ୍ଷେପରେ

### ମହିଳା କର୍ମଚାରୀଙ୍କଠାରୁ ୩୯ ହଜାର ଲୁଟ୍

ବେଗୁନିଆ,୯।୨(ଡି.ଏନ୍.ଏ.): ବେଗୁନିଆ ଥାନା ଅଧୀନ ବଡ଼ପଦର ଗ୍ରାମ ନିକଟରେ ଏକ ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥା କର୍ମଚାରୀ ସୋନାଲିକା ସ୍ୱାଇଁଙ୍କଠାରୁ ୨ଜଣ ଦୁର୍ବୃତ୍ତ ୩୯,୭୦୦ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୨୨/୨୧)ରୁଜୁକରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ଧଳାପଥର-କଳାପଥର ବଜାରରେ ଥିବା ଉକ୍ତ ସଂସ୍ଥାର କର୍ମଚାରୀ ସୋନାଲିକା ସ୍କୁଟିରେ ସୋମବାର ପୂର୍ବାହ୍ନ ୧୧ଟା ୫୦ରେ ମାଣିବନ୍ଧ-ବେଗୁନିଆ ରାସ୍ତାରେ ଯାଉଥିଲେ। ବଡ଼ପଦର ଗ୍ରାମ ନିକଟ ନିଛାଟିଆ ସ୍ଥାନରେ ଏକ ବାଇକ୍‌ରେ ଦୁଇଜଣ ଦୁର୍ବୃତ୍ତ ହଠାତ୍ ପହଞ୍ଚି ସ୍କୁଟିକୁ ଧକ୍କା ମାରିଥିଲେ। ଫଳରେ ସୋନାଲିକା ତଳେ ପଡ଼ିଯାଇଥିଲେ। ପରେ ଦୁର୍ବୃତ୍ତମାନେ ତାଙ୍କ ବ୍ୟାଗରେ ଥିବା ୩୯,୭୦୦ଟଙ୍କା ନେଇ ଫେରାର ହୋଇଯାଇଥିଲେ। ଏନେଇ ସୋନାଲିକା ଥାନାରେ ଅଭିଯୋଗ କରିଥିଲେ।

### ଜଳିଗଲା ଦୋକାନ

ବାଲିପାଟଣା,୯।୨(ଡି.ଏନ୍.ଏ.): ବାଲିପାଟଣା ଥାନା ଅଧୀନ ବସନ୍ତମାଳ ଛକରେ ଥିବା ଗଙ୍ଗାଧର ମହାପାତ୍ରଙ୍କ ଚା'ଦୋକାନ ସୋମବାର ରାତିରେ ନିଆଁ ଲାଗି ଜଳିଯାଇଛି। ପ୍ରାୟ ଲକ୍ଷାଧିକ ଟଙ୍କାର ସାମଗ୍ରୀ ପୋଡ଼ିଯାଇଛି। ସୂଚନା ମୁତାବକ, ପ୍ରତ୍ୟେକ ଦିନ ଭଳି ଗଙ୍ଗାଧର ସୋମବାର ରାତି ୧୦ଟାରେ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ତେବେ ବିଳମ୍ବିତ ରାତିରେ ଦୋକାନରେ ନିଆଁ ଲାଗିଥିବା ଦେଖି ଗଙ୍ଗାଧରଙ୍କୁ ସ୍ଥାନୀୟଲୋକେ ଜଣାଇଥିଲେ। ଖବରପାଇ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତେବେ ତାଙ୍କୁ କେହି ମାରିଦେବା ଲାଗି ତାଙ୍କ ଦୋକାନରେ ନିଆଁ ଲଗାଇଛି ବୋଲି ଗଙ୍ଗାଧର ଥାନାରେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୩୫/୨୧)ରୁଜୁକରି ତଦନ୍ତ ଚଳାଇଛି।

### ଅଶୋକ ହେଲେ ଜଟଣୀ ନଗର କଂଗ୍ରେସ ସଭାପତି



ଜଟଣୀ,୯।୨(ଡି.ଏନ୍.ଏ.): ଜଟଣୀ ନଗର କଂଗ୍ରେସ ସଭାପତି ଭାବେ ପୁଣି ଅଶୋକ କୁମାର ମଙ୍ଗରାଜ ନିଯୁକ୍ତ ହୋଇଛନ୍ତି। ଜଟଣୀ ବିଧାୟକ ତଥା ଖୋର୍ଦ୍ଧା ଜିଲା କଂଗ୍ରେସ କମିଟି ସଭାପତି ସୁରେଶ କୁମାର ରାଉତରାୟଙ୍କ ଅନୁମୋଦନକ୍ରମେ ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକ ପୁଣି ଅଶୋକଙ୍କୁ ନଗର କଂଗ୍ରେସ ସଭାପତିଭାବେ ନିଯୁକ୍ତ କରିଥିବା ଚିଠି ନଂ.୫୪/୦୫/୨୧ ମାଧ୍ୟମରେ ସୂଚନା ଦେଇଛନ୍ତି। ଏନେଇ ଅଶୋକ ବିଧାୟକ ରାଉତରାୟ, ପିସିସି ସଭାପତି ପଟ୍ଟନାୟକ ଏବଂ ଅଖିଳ ଭାରତୀୟ କଂଗ୍ରେସ କମିଟି ସଭାନେତ୍ରୀ ସୋନିଆ ଗାନ୍ଧୀ, ରାହୁଲ ଗାନ୍ଧୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ଚାକିରିରୁ ନିଲମ୍ବିତ ହେଲେ ଏସ୍ଏସ୍ଓ

**ଭିନ୍ନକ୍ଷମ ତାଲିମ କେନ୍ଦ୍ର ଯୌନ କେଲେଙ୍କାରୀ ଘଟଣା**
- ଉମେଶ, ବାସନ୍ତୀଙ୍କୁ ରିମାଣ୍ଡରେ ଆଣିବାକୁ ଆବେଦନ
- ଫିଟିବ ବହୁ ଗୁମର
- ବଡ଼ବଡ଼ିଆ ଏବେ ଛାନିଆ ହେଲେଣି

ଖୋର୍ଦ୍ଧା ଅଫିସ,୯।୨

ଭୁବନେଶ୍ୱର ଏୟାରପୋର୍ଟ ଥାନା ପଳାସପଲ୍ଲୀ ଅଞ୍ଚଳରେ ଥିବା ନିଖିଳ ଉତ୍କଳ ଶାରୀରିକ ଭିନ୍ନକ୍ଷମ କଲ୍ୟାଣ ମହାସଂଘ ତାଲିମ କେନ୍ଦ୍ରରେ ଯୌନ ଶୋଷଣ ଘଟଣା ପଦାକୁ ଆସିବା ପରେ ରାଜ୍ୟରେ ହଇଚଇ ସୃଷ୍ଟି ହୋଇଛି। ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ତଥା ଅନୁଷ୍ଠାନର ସମ୍ପାଦକ ସୁରେଶ ବେହେରାଙ୍କ ସମେତ ୬ଜଣଙ୍କୁ ରବିବାର ଏୟାରପୋର୍ଟ ଥାନା ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଖୋର୍ଦ୍ଧା ଜିଲା ସମାଜ ମଙ୍ଗଳ କାର୍ଯ୍ୟାଳୟରେ ସାମାଜିକ ସୁରକ୍ଷା ଅଧିକାରୀ (ଏସ୍ଏସ୍ଓ) ଭାବେ କାର୍ଯ୍ୟକରୁଥିବା ଚନ୍ଦକା ମେଣ୍ଢାଶାଳ ଅଞ୍ଚଳର ସଂଗ୍ରାମ କେଶରୀ ଦାସ, ତାଲିମ୍ କେନ୍ଦ୍ରର ଦୁଇଜଣ ମହିଳା କର୍ମଚାରୀ କଟକ ସିଡିଏ ଫେଜ୍-୨ରେ ରହୁଥିବା ନୟାଗଡ଼ର ବାସନ୍ତୀ ସାହୁ ଓ ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଜିଜିପି କଲୋନୀର ସଞ୍ଜୁ ଓରଫ ସଂଯୁକ୍ତା ମେହେର, ଖୋର୍ଦ୍ଧା ସଦର ଅଞ୍ଚଳର ଲାଲୁ ଓରଫ ଉମେଶଚନ୍ଦ୍ର ରାଉତରାୟ ଏବଂ କଟକ ନିଆଳି ଅଞ୍ଚଳର ରାକେଶ କୁମାର ଷଡ଼ଙ୍ଗୀ। ଗିରଫ ଅଭିଯୁକ୍ତମାନେ ଏବେ ଜେଲ୍ ହାଜତରେ ଥିବାବେଳେ ଜିଲା ସମାଜ ମଙ୍ଗଳ ଅଧିକାରୀଙ୍କ ରିପୋର୍ଟକୁ ଆଧାର କରି ମଙ୍ଗଳବାର ଜିଲାପାଳ ସନତ୍ ମହାନ୍ତି ଏସ୍ଏସ୍ଓ ଦାସଙ୍କୁ ଚାକିରିରୁ ନିଲମ୍ବନ କରିଛନ୍ତି।

ଅନ୍ୟପଟେ ଅଭିଯୁକ୍ତ ଉମେଶ ଏବଂ ବାସନ୍ତିଙ୍କୁ ରିମାଣ୍ଡରେ ଆଣିବା ଲାଗି କମିଶନରେଟ ପୋଲିସ ଭୁବନେଶ୍ୱର ଏସ୍‌ଡିଜେଏମଙ୍କ କୋର୍ଟରେ ଆବେଦନ କରିଛି। ଉମେଶ ଏବଂ ବାସନ୍ତୀ ଅନ୍ୟ କେଉଁମାନଙ୍କୁ ଯୁବତୀ ଚାଲାଣ କରୁଥିଲେ, ତାହା ପଚରାଉଚରା ପରେ ଘଟଣା ଜଣାପଡ଼ିବ ବୋଲି ଡିସିପି ଉମାଶଙ୍କର ଦାଶ କହିଛନ୍ତି। ଯୁବତୀଙ୍କୁ ଉପଭୋଗ କରିଥିବା ବାବୁମାନେ ଏବେ ଛାନିଆ ହୋଇପଡିଛନ୍ତି। ଘଟଣା ପଦାରେ ପଡ଼ିବା ଆଶଙ୍କାରେ ବାବୁମାନଙ୍କ ନିଦ ଏକପ୍ରକାର ହଜିଯାଇଥିବା ସାଧାରଣରେ ଆଲୋଚନା ହେଉଛି। ତେବେ ଏସ୍ଏସ୍ଓ ବନ୍ଧା ହେବା ପରେ ବହୁ ଗୁମର ତଥ୍ୟ ପଦାକୁ ଆସିଛି। ଏହି ଘଟଣା ପଛରେ ବହୁ ବଡ଼ବଡ଼ିଆଙ୍କ ହାତ ରହିଥିବା ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। ଜଣେ ଏସ୍ଏସ୍ଓ ଏଭଳି ଜଘନ୍ୟ କାର୍ଯ୍ୟ କରୁଥିବାବେଳେ କିପରି ଉପରିସ୍ଥ ଅଧିକାରୀମାନେ କିଛି ଜାଣି ପାରୁ ନ ଥିଲେ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏତେବଡ଼ କେଲେଙ୍କାରୀ ପଛରେ କେଉଁ ଅଧିକାରୀମାନଙ୍କ ହାତ ରହିଛି, ତଦନ୍ତ କରାଗଲେ ଜଣାପଡ଼ିବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଘଟଣାର ନିରପେକ୍ଷ ତଦନ୍ତ କରାଗଲେ, ଠିକ୍ ତଥ୍ୟ ସାମନାକୁ ଆସିବ ବୋଲି ମତ ପ୍ରକାଶ ପାଇଛି।

## ସଡ଼କ ସୁରକ୍ଷା ସଚେତନତା ଶୋଭାଯାତ୍ରା



ସଡ଼କ ସୁରକ୍ଷା ନେଇ ବାହାରିଥିବା ସଚେତନତା ଶୋଭାଯାତ୍ରା।

ଜଟଣୀ,୯।୨(ଡି.ଏନ୍.ଏ.)

ସଡ଼କ ସୁରକ୍ଷା ମାସ ପରିପ୍ରେକ୍ଷୀରେ ମଙ୍ଗଳବାର ଜଟଣୀ ସହରରେ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ୟୋର୍ସ ଫାଉଣ୍ଡେଶନ ଟ୍ରଷ୍ଟ ଭୁବନେଶ୍ୱର ଏବଂ ଜନ ଅଧିକାର ସଂଘ ଜଟଣୀ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବିଧାୟକ ସୁରେଶ ରାଉତରାୟ ଯୋଗଦେଇ କାର୍ଯ୍ୟକ୍ରମକୁ ଆରମ୍ଭ କରିଥିଲେ। ହରିଭାଇନା ଛକରୁ ସଚେତନତା ଶୋଭାଯାତ୍ରା ବାହାରି ବିଭିନ୍ନ ଛକରେ ପଥପ୍ରାନ୍ତ ନାଟକ ମାଧ୍ୟମରେ ଜନସାଧାରଣଙ୍କୁ ସଚେତନତା ବାର୍ତ୍ତା ଦେଇଥିଲେ। ଏହି ଅବସରରେ ୨୫ଜଣ ପୋଲିସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଆଇଆଇସି ଟ୍ରାଫିକ୍ ଅଞ୍ଜଳି ଛୋଟରାୟ, ଆଇଆଇସି ବିଶ୍ୱରଞ୍ଜନ ସାହୁ, ପୂର୍ବତନ ନଗରପାଳ ସଂଗ୍ରାମ କେଶରୀ ରାଉତରାଏ, ଭାଜପା ନେତ୍ରୀ ରଶ୍ମିମୟୀ ପଟ୍ଟନାୟକ, ବାସୁଦେବ ସେଠୀ, ତ୍ରିନାଥ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ।

# ପୁନଃ ନିଯୁକ୍ତି ଦାବିରେ କମ୍ପ୍ୟୁଟର ଶିକ୍ଷକଙ୍କ ଧାରଣା




ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯାଇଛି।

ଖୋର୍ଦ୍ଧା ଅଫିସ,୯।୨

ସ୍ୱଳ୍ପ ଦରମା ଦିଅ ପଛକେ, ଚାକିରି ଦିଅ। ବିଦ୍ୟାଳୟରେ ୫ବର୍ଷ କମ୍ପ୍ୟୁଟର ଶିକ୍ଷକ ଭାବେ ଚାକିରି କରିବା ପରେ ବାହାର କରିଦେଲେ। ୨ବର୍ଷ ହେଲାଣି, କେବଳ ମିଥ୍ୟା ପ୍ରତିଶ୍ରୁତି ଦିଆଯାଉଛି। କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ୨୦୧୪ରୁ ୨୦୧୯ ପର୍ଯ୍ୟନ୍ତ ରାଜ୍ୟର ୪ ହଜାରରୁ ଊର୍ଦ୍ଧ୍ୱ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକଙ୍କୁ ଛଟେଇ କରିଦିଆଗଲା। ଏବେ ଏହି ଶିକ୍ଷକମାନେ ବେକାର। ପୁନଃ ନିଯୁକ୍ତି ନେଇ ବାରମ୍ବାର ଦାବି ସତ୍ତ୍ୱେ ଗୁରୁତ୍ୱ ଦିଆଯାଉନାହିଁ ବୋଲି ଛଟେଇ ହୋଇଥିବା କମ୍ପ୍ୟୁଟର ଶିକ୍ଷକମାନେ ଅଭିଯୋଗ କରିଛନ୍ତି। ଏହାର ପ୍ରତିବାଦରେ ଆଇସିଟି ଇ-ବିଦ୍ୟାଳୟ ସଂଘ ଓଡ଼ିଶା ଖୋର୍ଦ୍ଧା ମଣ୍ଡଳ ପକ୍ଷରୁ ଶତାଧିକ କର୍ମୀ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ। ପୁନଃ ନିଯୁକ୍ତି ଦିଆ ନ ଗଲେ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି। ଏଥିସହ ଜିଲାପାଳଙ୍କ ଅଫିସ ଘେରାଉ କରାଯିବ। ରାଜ୍ୟର ସମସ୍ତ ବିଦ୍ୟାଳୟରେ ତାଲା ପକାଇ ଦିଆଯିବ ବୋଲି ସଂଘ ରାଜ୍ୟ ସଭାନେତ୍ରୀ ଦୀପିକା ମଞ୍ଜରୀ ମିଶ୍ର କହିଛନ୍ତି। କାର୍ଯ୍ୟକାରୀ ସଭାନେତ୍ରୀ ଲିପିକା ପାଣିଗ୍ରାହୀ, ଅମିତା ସାହୁ, ରଶ୍ମିତା ବେହେରା, ରିନା ବେହେରା, ଭାଗ୍ୟଶ୍ରୀ ଦା, ସୌମ୍ୟାଶ୍ରୀ ମହାନ୍ତି, ଅଞ୍ଜଳି ନାୟକ, ସ୍ନିଗ୍ଧା ମିଶ୍ର, ଅରୁଣ ଆଚାର୍ଯ୍ୟଙ୍କ ସମେତ ଏକାଧିକ କର୍ମୀ ସାମିଲ ହୋଇଥିଲେ।

## ମହଲପଡ଼ାର ବିକାଶ କାର୍ଯ୍ୟରେ ଅନିୟମିତତା

ଗୋପ,୯।୨(ଡି.ଏନ୍.ଏ.)

ଗୋପ ବ୍ଲକ ଅଧୀନ ମହଲପଡ଼ା ପଞ୍ଚାୟତରେ ସରକାରୀ ଅନୁଦାନରେ ବିଭିନ୍ନ ବିକାଶ କାର୍ଯ୍ୟରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଜିଲା ପ୍ରଶାସନ ପକ୍ଷରୁ ବିଡିଓ ଦୀପ୍ତିରାଣୀ ଦାସଙ୍କୁ ଚିଠି ନମ୍ବର ୧୨୪, ତା୮।୨।୨୦୨୧ରେ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ପ୍ରକାଶ ଯେ, ଏହି ପଞ୍ଚାୟତରେ ଏକ ନବନିର୍ମିତ କଂକ୍ରିଟ ରାସ୍ତା ଫାଟି ଯାଇଥିବାବେଳେ ୧ ଲକ୍ଷ ଟଙ୍କାରେ ୧୧୦ ଫୁଟ ରାସ୍ତା ବଦଳରେ କମ୍ କରାଯାଇଛି। ସେହିପରି ଭୋଗପଡ଼ା ନିକଟରେ ଥିବା ସମତୁଲ ଦଣ୍ଡାକୁ ପଞ୍ଚାୟତ ପୋଖରୀ ଦର୍ଶାଯାଇ ନିଲାମ କରାଯିବା, ପଞ୍ଚାୟତ ପକ୍ଷରୁ ବର୍ଷା ପାଣି ନିଷ୍କାସନ କରିବା ନାଁରେ ପାଣ୍ଠି ହଡ଼ପ, ସରପଞ୍ଚ ଦାୟିତ୍ୱରେ ଥିବା ସରପଞ୍ଚଙ୍କ ଜଣେ ସମ୍ପର୍କୀୟ ପଞ୍ଚାୟତରେ ହେଉଥିବା ସରକାରୀ କାର୍ଯ୍ୟରେ ପିସି ଆଦାୟ କରାଯାଉଥିବା ଉଦ୍ୟମ କରାଯାଇଥିବା ନେଇ ଅଭିଯୋଗପତ୍ରରେ ଦର୍ଶାଯାଇଛି। ସେହିଭଳି ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗୃହ ନିର୍ମାଣ ନ ହେବା ଓ କେତେକ ଆବାସ ଯୋଜନା ଗୃହ ନିର୍ମାଣ କାର୍ଯ୍ୟ ସରି ନ ଥିବାବେଳେ ନିର୍ମାଣ ଶେଷ କରାଯାଇଛି ବୋଲି ଦର୍ଶାଇ ହିତାଧିକାରୀଙ୍କ ନାମରେ ବିଲ୍ ହୋଇଥିବା ଭଳି ଅଭିଯୋଗ ହୋଇଛି। ଏ ନେଇ ପଞ୍ଚାୟତର ଅବସରପ୍ରାପ୍ତ କର୍ମଚାରୀ ପରେଶ କୁମାର ମହାନ୍ତି ୧୮।୧।୨୦୨୧ରେ ପଞ୍ଚାୟତିରାଜ ମନ୍ତ୍ରୀ, ୫-ଟି ସଚିବ, ପୁରୀ ଜିଲାପାଳଙ୍କୁ ଚିଠି ଦ୍ୱାରା ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ଜିଲାପାଳ ସମର୍ଥ ବର୍ମାଙ୍କ ନିର୍ଦ୍ଦେଶରେ ଜିଲା ପ୍ରକଳ୍ପ ଅଧିକାରୀ ଏହି ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଏଠାରେ ପ୍ରଶ୍ନ ଉଠେ ଏତେ ସବୁ ଦୁର୍ନୀତି ବିଷୟରେ କିଭଳି ବ୍ଲକ ପଞ୍ଚାୟତ ଅଧିକାରୀ ଜାଣି ପାରିଲେନି ତାହା ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଜିପିଓ ଜୟଶ୍ରୀ ମିଶ୍ର କୁହନ୍ତି, ଅଭିଯୋଗ ଆସିବା ପରେ ତଦନ୍ତ କରାଯିବା ସହ ଉପଜିଲାପାଳଙ୍କ ଦୃଷ୍ଟିକୁ ନିଆଯାଇଛି। ଅପରପକ୍ଷେ ବିଡିଓ ଦାସ କହିଛନ୍ତି, ଅଭିଯୋଗକୁ ଗୁରୁତ୍ୱ ଦିଆଯାଇ ତଦନ୍ତ କରାଯିବ ବୋଲି କହିଛନ୍ତି।

## ବିଦ୍ୟୁତ୍ ଖୁଣ୍ଟରେ ପିଟିହେଲା ବାଇକ୍, ୨ ଗୁରୁତର

ବୋଲଗଡ଼,୯।୨(ଡି.ଏନ୍.ଏ.)

ବୋଲଗଡ ଥାନା ଅଧୀନ ତହସିଲ ଛକ ନିକଟ ରାସ୍ତାପାର୍ଶ୍ୱରେ ଥିବା ବିଦ୍ୟୁତ୍ ଖୁଣ୍ଟରେ ମଙ୍ଗଳବାର ଏକ ବାଇକ୍ ଧକ୍କା ଦେବାରୁ ୨ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଖୋର୍ଦ୍ଧାର ରତ୍ନାକର ସାହୁ (୩୫) ଓ ମାନସ ସାହୁ (୩୩)। ଚିକିତ୍ସା ପାଇଁ ଏମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ରତ୍ନାକର ଓ ମାନସ ବାଇକ୍‌ରେ ନୟାଗଡ଼ ପଟୁ ଖୋର୍ଦ୍ଧା ଅଭିମୁଖେ ଯାଉଥିଲେ। କୌଣସି କାରଣରୁ ଭାରସାମ୍ୟ ହରାଇ ତହସିଲ ଛକ ନିକଟ ରାସ୍ତାପାର୍ଶ୍ୱରେ ଥିବା ବିଦ୍ୟୁତ୍ ଖୁଣ୍ଟରେ ପିଟିହୋଇ ଆହତ ହୋଇଥିଲେ। ଖବରପାଇ ୧୦୮ ଆମ୍ବୁଲାନ୍ସ ପହଞ୍ଚି ଆହତଦ୍ୱୟଙ୍କୁ ବୋଲଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ସେଠାରେ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

# ବନ ବିଭାଗ ଅଧୀନରେ ପାଇକ ସ୍ମାରକୀ ଜମି

**ଆଲୋଚନା ପରେ ପରବର୍ତ୍ତୀ ପଦକ୍ଷେପ: ଜିଲାପାଳ**

ଖୋର୍ଦ୍ଧା ଅଫିସ,୯।୨

ଖୋର୍ଦ୍ଧାର ବରୁଣେଇ ପାହାଡ଼ ପାଦଦେଶରେ ପାଇକ ସ୍ମାରକୀ ନିର୍ମାଣ ପାଇଁ ୨୦୧୯ ଡିସେମ୍ବର ୮ରେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ ରାଷ୍ଟ୍ରପତି ରାମନାଥ କୋବିନ୍ଦ। ଏହି ସ୍ମାରକୀ ନିର୍ମାଣ ପାଇଁ ରାଜ୍ୟ ସରକାର ୧୦ଏକର ଜମି ଯୋଗାଇ ଦେଇଥିଲେ। ତେବେ ପ୍ରସ୍ତାବିତ ଜମି ଜବରଦଖଲ ଥିବା ନେଇ ପ୍ରଶ୍ନ ଉଠିବା ପରେ ନିର୍ମାଣ କାର୍ଯ୍ୟରେ ବାଧା ଉପୁଜିଥିଲା। ସ୍ମାରକୀ ନିର୍ମାଣସ୍ଥଳରେ ଅର୍ଦ୍ଧାଧିକ ଜମି ଏକ ରାଷ୍ଟ୍ରାୟତ୍ତ କମ୍ପାନୀ ଏବଂ ଘରୋଇ ଶିକ୍ଷାନୁଷ୍ଠାନର ଜବରଦଖଲରେ ଥିବା ନେଇ ପ୍ରଶ୍ନ ଉଠିଥିଲା। ବିଭିନ୍ନ ମହଲରେ ଦାବି ଉଠିବା ପରେ ଜିଲା ପ୍ରଶାସନ ପକ୍ଷରୁ ଉକ୍ତ ଦୁଇ ସଂସ୍ଥାକୁ ନୋଟିସ ଜାରି ହୋଇଥିଲା। ତେବେ ମାପଚୁପ ସମୟରେ ଉକ୍ତ ଦୁଇ ସଂସ୍ଥା ଜମି ଜବରଦଖଲରେ ନ ଥିବା ଜଣାପଡିଥିଲା। ପ୍ରସ୍ତାବିତ ଅର୍ଦ୍ଧାଧିକ ଜମି ବନ ବିଭାଗ ଅଧୀନରେ ରହିଥିବା ଜଣାପଡିଛି। ଫଳରେ ପାଇକ ସ୍ମାରକୀ ନିର୍ମାଣରେ ଅନିଶ୍ଚିତତା ଦେଖାଦେଇଛି। ତୁରନ୍ତ ଏହି ସମସ୍ୟା ସମାଧାନ କରାଯାଇ ପାଇକ ସ୍ମାରକୀ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବାକୁ ବିଭିନ୍ନ ପାଇକ ସଙ୍ଗଠନ ଦାବି କରିଛନ୍ତି।

ରାଷ୍ଟ୍ରପତିଙ୍କ ଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପନ ସତ୍ତ୍ୱେ ପାଇକ ସ୍ମାରକୀ ନିର୍ମାଣରେ ବିଳମ୍ବକୁ ନେଇ ସ୍ଥାନୀୟ ବୁଦ୍ଧିଜୀବୀ, ପାଇକ ସଙ୍ଗଠନ, ଗବେଷକଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଶିଳାନ୍ୟାସ ସମୟରେ ରାଷ୍ଟ୍ରପତି କୋବିନ୍ଦ କହିଥିଲେ, ଖୋର୍ଦ୍ଧା ମାଟି ବୀରତ୍ୱର ମାଟି। ପାଇକ ବୀରମାନେ ନିଜ ମାଟିର ସମ୍ମାନ ଲାଗି ଇଂରେଜ ସରକାରଙ୍କ ବିରୋଧରେ ସଂଗ୍ରାମ କରିଥିଲେ। ଏହି ବୀର ଭୂମିରେ ପାଇକ ସ୍ମାରକୀ ନିର୍ମାଣ କରିବାକୁ ସୁଯୋଗ ମିଳିଥିବାରୁ ସେ ନିଜକୁ ଧନ୍ୟ ମନେ କରୁଛି। ଏହି ପାଇକ ସ୍ମାରକୀ ଆଗାମୀ ଦିନରେ ଏକ ତୀର୍ଥସ୍ଥଳ ପାଲଟିବ ବୋଲି ସେ କହିଥିଲେ। ଗତ ଡିସେମ୍ବର ୮ରେ ଶିଳାନ୍ୟାସର ଏକବର୍ଷ ପୂର୍ତ୍ତି ପାଳନ କରିବା ସହ ନିର୍ମାଣ କାର୍ଯ୍ୟ ବିଳମ୍ବ ନେଇ ବିଭିନ୍ନ ଅନୁଷ୍ଠାନ ପ୍ରସ୍ତାବିତ ସ୍ମାରକୀ ସ୍ଥଳରେ ପ୍ରତିବାଦ କରିଥିଲେ। ନିର୍ମାଣ କାର୍ଯ୍ୟରେ ବାଧା ଉପୁଜିଥିବା ସମସ୍ୟାର ତୁରନ୍ତ ସମାଧାନ କରି ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ଲାଗି ସାଧାରଣରେ ଦାବି ହୋଇଛି। ଏନେଇ ଜିଲାପାଳ ସନତ ମହାନ୍ତି କୁହନ୍ତି, ସ୍ମାରକୀ ନିର୍ମାଣ ହେଲେ ଖୋର୍ଦ୍ଧା ମାଟିର ଗୌରବ ବୃଦ୍ଧି ପାଇବ। ପ୍ରଥମେ ଜମି ଜବରଦଖଲ ନେଇ ବିବାଦ ଉଠିବା ପରେ ଖୋର୍ଦ୍ଧା ତହସିଲଦାର ନୋଟିସ ଦେଇଥିଲେ। ପରେ ଇଡ୍‌କୋ ରାଜସ୍ୱ ଓ ତହସିଲ ରାଜସ୍ୱ ଟିମ୍‌ର ମାପଚୁପ ବେଳେ ଅର୍ଦ୍ଧାଧିକ ଜମି ବନ ବିଭାଗ ଅଧୀନରେ ରହିଥିବା ଓ ସେଠାରେ ଗଛ ଲାଗିଥିବା ଦେଖିବାକୁ ମିଳିଛି। ଖୋର୍ଦ୍ଧା ବନଖଣ୍ଡ ଅଧିକାରୀଙ୍କ ସହ ଆଲୋଚନା କରାଯାଇ ପରବର୍ତ୍ତୀ ପଦକ୍ଷେପଗ୍ରହଣକରାଯିବବୋଲିକହିଛନ୍ତି।

## ଭୁବନେଶ୍ୱରରେ ଖୋଲିବ ସାଇବର ଥାନା

ଭୁବନେଶ୍ୱର,୯।୨(ବ୍ୟୁରୋ)

ସାଇବର ଠକେଇଜନିତ ଅଭିଯୋଗ ନେଇ ଗତ ଜାନୁଆରୀ ୭ ତାରିଖରେ କମିଶନରେଟ ପୋଲିସ ପକ୍ଷରୁ ସାଇବର ହେଲ୍ପ ଡେସ୍କ ପ୍ରତିଷ୍ଠା କରାଯାଇଥିଲା। ଇତିମଧ୍ୟରେ ଏହି ହେଲ୍ପ ଡେସ୍କକୁ ଏକମାସ ପୂରିଥିବାବେଳେ ମଙ୍ଗଳବାର ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ ଏନେଇ ସମୀକ୍ଷା କରିଛନ୍ତି। ପରେ ପୋଲିସ ସେବା ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇ କମିଶନର ଷଡଙ୍ଗୀ କହିଛନ୍ତି, ଏକ ମାସ ମଧ୍ୟରେ ୧ କୋଟି ୪୦ ଲକ୍ଷ ୫୪ ହଜାର ୯୪୪ ଟଙ୍କାର ଠକେଇ ହୋଇଥିବା ଅଭିଯୋଗ ଆସିଛି। ବିଶେଷ କରି ୟୁପିଆଇ ଟ୍ରାଞ୍ଜାକ୍ସନ ଯୋଗୁ ଅଧିକାଂଶ ଲୋକେ ଠକେଇର ଶିକାର ହୋଇଛନ୍ତି। ଏଭଳି ଠକେଇ ରୋକିବା ପାଇଁ ୨୦୨୧ ମସିହା ଶେଷ ସୁଦ୍ଧା ଭୁବନେଶ୍ୱରରେ ସାଇବର ଥାନା ପ୍ରତିଷ୍ଠା କରାଯିବ।

ପୋଲିସ କମିଶନରଙ୍କ ସୂଚନା ଅନୁଯାୟୀ, ଏକମାସ ମଧ୍ୟରେ ହେଲ୍ପ ଡେସ୍କକୁ ଠକେଇ ନେଇ ମୋଟ ୧୨୦୭ଟି ଫୋନ୍ କଲ ଆସିଛି। ସେଥିମଧ୍ୟରୁ କେବଳ ଭୁବନେଶ୍ୱରରୁ ୩୬୮ଟି କଲ୍ ଆସିଥିବାବେଳେ ୫୨ଲକ୍ଷରୁ ଅଧିକ ଟଙ୍କାର ଠକେଇ ହୋଇଛି। ଭୁବନେଶ୍ୱର ବାହାରୁ ୮୩୭ଟି କଲ୍ ଆସିଛି। ୧୨୦୭ କଲ୍ ମଧ୍ୟରୁ ୨୨୯ଟି କଲ୍ ଠକେଇ ସମ୍ପର୍କିତ ରହିଛି। ମୋଟ ୧କୋଟି ୪୦ଲକ୍ଷ ୫୪ହଜାର ୯୪୪ଟଙ୍କା ଠକେଇ ମଧ୍ୟରୁ ଭୁବନେଶ୍ୱରରୁ କେବଳ ୫୨ଲକ୍ଷ ୧୬ହଜାର ୪୮୩ ଟଙ୍କାର ଠକେଇ ହୋଇଛି।

## ପୋଡ଼ପୋଡ଼ା କ୍ଲବ ବିଜୟୀ

ନିରାକାରପୁର,୯।୨(ଡି.ଏନ୍.ଏ.)

ମା' ମଙ୍ଗଳା ସ୍ପୋର୍ଟିଂ କ୍ଲବ, ଟାଙ୍କୋଳ ଆନୁକୂଲ୍ୟରେ ମଙ୍ଗଳବାର ଫୁଟବଲ ଟୁର୍ନାମେଣ୍ଟ ସ୍ଥାନୀୟ ଖେଳପଡ଼ିଆରେ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚରେ କୁମ୍ଭିଲ କ୍ଲବକୁ ହରାଇ ପୋଡ଼ପୋଡ଼ା କ୍ଲବ ବିଜୟୀ ହୋଇଛି। ନିର୍ଦ୍ଧାରିତ ସମୟ ମଧ୍ୟରେ ଉଭୟ ଟିମ୍ କେହି କାହାକୁ ଗୋଲ ଦେଇ ନ ପାରିବାରୁ ଟାଇବ୍ରେକର ସହଯୋଗ ନିଆଯାଇଥିଲା। ୩-୨ରେ କୁମ୍ଭିଲ ଟିମ୍‌କୁ ହରାଇ ପୋଡପୋଡା ବିଜୟୀ ହୋଇଥିଲା। ବିଶ୍ୱଜିତ୍ ସାହୁ, ଗୟା ନାୟକ, ଦୟା ନାୟକ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ଉଦ୍‌ଘାଟନୀ ମ୍ୟାଚରେ ଖୋର୍ଦ୍ଧା ସେବାଦଳର ମୁଖ୍ୟ ସଙ୍ଗଠକ ଜୟଦେବ ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଦିଲୀପ ସେଠୀ, ଧର୍ମାନନ୍ଦ ମୁଦୁଲି, ପ୍ରସନ୍ନ ପଟ୍ଟଯୋଷୀ, ବଟକୃଷ୍ଣ ସାହୁ ପ୍ରମୁଖ କମିଟି କର୍ମକର୍ତ୍ତା ସହଯୋଗ କରିଥିଲେ।



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି।

# ଧାନବସ୍ତା ରଖି ରାସ୍ତା ଅବରୋଧ

ବୋଲଗଡ଼,୯।୨(ଡି.ଏନ୍.ଏ.)

ଧାନମଣ୍ଡିରେ ସ୍ୱଚ୍ଛତା ଏବଂ ଚାଷୀଙ୍କ ସୁଲଭ ଧାନ ବିକ୍ରି ବ୍ୟବସ୍ଥା ଉପରେ ରାଜ୍ୟ ସରକାର ଗୁରୁତ୍ୱାରୋପ କରିଛନ୍ତି। ଖୋର୍ଦ୍ଧା ଜିଲାରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଫଳରେ ଚାଷୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବୋଲଗଡ଼ ବ୍ଲକ ଶ୍ରୀଚନ୍ଦନପୁର ପାଟଣା ସେବା ସମବାୟ ସମିତି ମଣ୍ଡିରୁ ପ୍ରତି

**ସମିତି ସମ୍ପାଦକଙ୍କୁ ତାଲା ପକାଇଲେ ଚାଷୀ**

ପାଳିରେ ଆବଶ୍ୟକ ଟାର୍ଗେଟ ଅନୁସାରେ ଧାନ ଉଠାଇବା ଦାବିରେ ପଞ୍ଜୀକୃତ ଚାଷୀମାନେ ମଙ୍ଗଳବାର ସମିତି ସମ୍ମୁଖ ରାଜସୁନାଖଳା-ଧଳାପଥର ରାସ୍ତା ଉପରେ ଧାନ ବସ୍ତା ରଖି ଅବରୋଧ କରିଥିଲେ। ଏଥସହ ଚାଷୀମାନେ ସମିତି ସମ୍ପାଦକଙ୍କୁ ସମିତି କାର୍ଯ୍ୟାଳୟରେ ୪ଘଣ୍ଟା ତାଲା ପକାଇଦେଇଥିଲେ।



ଶ୍ରୀଚନ୍ଦନପୁର ପାଟଣା ସେବା ସମବାୟ ସମିତି ଆଗରେ ଚାଷୀମାନେ ରାସ୍ତା ଅବରୋଧ କରିଛନ୍ତି।

ସୂଚନା ମୁତାବକ, ଏହି ସମିତିରେ ଧାନ ବିକ୍ରି କରିବା ପାଇଁ ୨୪୫ଜଣ ଚାଷୀ ନାମ ପଞ୍ଜୀକରଣ କରିଛନ୍ତି। ସମିତି ମଣ୍ଡିରେ ୧୪୦୦୦ କୁଇଣ୍ଟାଲ ଧାନ କିଣାଯିବା ଲାଗି ଧାର୍ଯ୍ୟ ଥିବା ବେଳେ ଏପର୍ଯ୍ୟନ୍ତ ୧୫୧ ଚାଷୀଙ୍କଠାରୁ ୫ ହଜାର ୯୫ କୁଇଣ୍ଟାଲ ଧାନ କିଣାଯାଇଛି। ଟୋକନ ଧରି ଚାଷୀ ବସିଛି। ତାରିଖ ପରେ ତାରିଖ ଗଡ଼ି ଚାଲିଛି, ହେଲେ ଧାନ ବିକ୍ରି କରିବା ପାଇଁ ପାଳିପଡୁନି। ସମିତିରେ କମ୍ ପରିମାଣର ଧାନ କିଣାଯିବା ଯୋଗୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ମଙ୍ଗଳବାର ଚାଷୀମାନେ ସମିତି କାର୍ଯ୍ୟାଳୟରେ ସମ୍ପାଦକଙ୍କୁ ତାଲା ପକାଇବା ସହ ସମିତି ସମ୍ମୁଖ ରାସ୍ତାରେ ଧାନ ବସ୍ତା ରଖି ମଧ୍ୟାହ୍ନ ୧୨ଟାରେ ରାସ୍ତାରୋକୋ କରିଥିଲେ। ଫଳରେ ଉଭୟ ପାର୍ଶ୍ୱରୁ ଆସୁଥିବା ସମସ୍ତ ଯାନବାହନ ଅଟକି ରହିଥିଲା। ଖବରପାଇ ଖୋର୍ଦ୍ଧା ସହକାରୀ ଯୋଗାଣ ଅଧିକାରୀ ବିଷ୍ଣୁଚରଣ ପରିଡ଼ା ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ। ତେବେ ବିଗତ ଧାନକ୍ରୟ ପାଳିରେ ଟାର୍ଗେଟ ଅନୁଯାୟୀ ଚାଷୀଙ୍କ ନିକଟରେ ବଳକା ରହିଥିବା ୪ହଜାର ୫୭୦ କୁଇଣ୍ଟାଲ ଧାନ କ୍ରୟ କରାଯିବ ବୋଲି ପରିଡ଼ା ପ୍ରତିଶ୍ରୁତି ଦେବା ପରେ ଅପରାହ୍ନ ୪ଟାରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଏଥିସହ ତାଲା ଫିଟାଯିବା ପରେ ସମ୍ପାଦକ ବାହାରକୁ ଆସିଥିଲେ। ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା।

## ଟିକା ନେଲେ ୫୨ କର୍ମଚାରୀ

ଜଟଣୀ,୯।୨(ଡି.ଏନ୍.ଏ.)

ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ପକ୍ଷରୁ ମଙ୍ଗଳବାର ସବ୍-ଅର୍ଡିନେଟ୍ ଗେଷ୍ଟ ହାଉସ ପରିସରରେ ୫୨ଜଣ ସମ୍ମୁଖ ଯୋଦ୍ଧାଙ୍କୁ କୋଭିଡ୍ ଟିକା ଦିଆଯାଇଛି। ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ(ଜଟଣୀ)ର ମଣ୍ଡଳ ସୁରକ୍ଷା କମିଶନର ଏମ୍. ସାମ୍ବା ଶିବରାଓଙ୍କୁ ପ୍ରଥମେ ଟିକା ଦିଆଯାଇଛି।

## ସୁନା ଦୋକାନରେ ଚଢ଼ାଉ

ନିରାକାରପୁର,୯।୨(ଡି.ଏନ୍.ଏ.)

ଜଙ୍କିଆ ଥାନା ଅଚ୍ୟୁତପୁର ପଞ୍ଚାୟତରେ ରହିଥିବା ଏକ ଅଳଙ୍କାର ଦୋକାନ ଉପରେ ମଙ୍ଗଳବାର ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଚଢ଼ାଉ କରାଯାଇଥିଲା। ଚଢ଼ାଉ ସମୟରେ ଖବରଦାତା ସେଠାରେ ପହଞ୍ଚି ଫଟୋ ଉତ୍ତୋଳନ କରିବା ସମୟରେ ଦୋକାନୀଙ୍କ ସହଯୋଗୀମାନେ ଧମକ ଦେବା ସହ ଫଟୋ ଡିଲିଟ୍ କରିଦେଇଥିଲେ। ତେବେ କେଉଁ ବିଭାଗ ପକ୍ଷରୁ ଚଢ଼ାଉ କରାଯାଉଛି ଏବଂ କାରଣ ସମ୍ପର୍କରେ ଅଧିକାରୀଙ୍କୁ ପଚାରିଥିଲେ ମଧ୍ୟ କିଛି ଉତ୍ତର ଦେଇ ନ ଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ଫେବୃୟାରୀ ୧୦, ୨୦୨୧

## ଘରେ ପଶି ବୃଦ୍ଧାଙ୍କୁ ଆକ୍ରମଣ

ପିପିଲି,(ସ୍ୱ.ପ୍ର.)- ପିପିଲି ଥାନା ଅଧୀନ ଭାଲିଆବିଲି ଗ୍ରାମରେ ରବିବାର ରାତିରେ କେତେଜଣ ଦୁର୍ବୃତ୍ତ ଘରେ ପଶି ଜଣେ ବୃଦ୍ଧାଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଏ ନେଇ ପୋଲିସ ସନ୍ଦେହରେ ୨ ଯୁବକଙ୍କୁ ଉଠାଇ ଆଣି ପଚରାଉଚରା ଚଳାଇଛି। ସୂଚନାଯୋଗ୍ୟ, ଭାଲିଆବିଲି ଗ୍ରାମରେ ରହୁଥିବା ଶଶି ବଡେଇ (୬୨)ଙ୍କ କୌଣସି ସନ୍ତାନ ନ ଥିବାବେଳେ ସମ୍ପର୍କୀୟ ପୁଅଙ୍କୁ ପୁତ୍ର ଭାବେ କରିଥିଲେ। ଘରେ ୨ଜଣ ରହୁଥିବାବେଳେ ରବିବାର ରାତିରେ ପୁଅ ବାହାରକୁ ଯାଇଥିବାବେଳେ କେତେଜଣ ଦୁର୍ବୃତ୍ତ ହଠାତ୍ ଘରେ ପଶି ବୃଦ୍ଧାଙ୍କୁ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ସକାଳୁ ପୁଅ ଆସିବାବେଳେ ମାଆ ଅଚେତ ଅବସ୍ଥାରେ ପଡ଼ିଥିବା ଦେଖି ପିପିଲି ମେଡିକାଲ ନେବା ସହ ସମ୍ପର୍କୀୟ ଓ ପୋଲିସକୁ ଜଣାଇଥିଲେ। ବୃଦ୍ଧାଙ୍କୁ ଗଭୀର କ୍ଷତ ହୋଇଥିବାରୁ କ୍ୟାପିଟାଲ ହସ୍ପିଟାଲ ସ୍ଥାନାନ୍ତର କରାଯାଇଛି।



## ସଂକ୍ଷେପରେ

### ୨ ବଖରା ଜଳିଗଲା

ବଳଙ୍ଗା,୯।୨(ଡି.ଏନ୍.ଏ.)- ବଳଙ୍ଗା ଥାନା ନିକଟସ୍ଥ ରୂପଦେଇପୁର ପଞ୍ଚାୟତ ଅଧୀନ ବଉଳଚଉକା ଗ୍ରାମରେ ମଙ୍ଗଳବାର ଅପରାହ୍ନରେ ନିଆଁ ଲାଗି ଟୁକୁନା ସ୍ୱାଇଁଙ୍କ ୨ ବଖରା ଓ ସମସ୍ତ ଆସବାବପତ୍ର ପୋଡ଼ି ପାଉଁଶ ହୋଇଯାଇଛି। ଖବରପାଇ ପିପିଲିରୁ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ନିଆଁକୁ ଆୟତ୍ତ କରିଥିଲେ। ପରେ ପୁରୀ ଜିଲା ଭାଜପା ସଭାପତି ଆଶ୍ରିତ ପଟ୍ଟନାୟକ ପହଞ୍ଚି ଅଗ୍ନିବିପନ୍ନ ପରିବାରକୁ ସମବେଦନା ଜଣାଇଛନ୍ତି। ଟୁକୁନାଙ୍କ ପରିବାର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନ ଥିବାରୁ ତାଙ୍କୁ ତୁରନ୍ତ ସହାୟତା ଯୋଗାଇ ଦେବାପାଇଁ ସାଧାରଣରେ ଦାବି ହେଉଛି। ତେବେ ନିଆଁ ଲାଗିବାର ସ୍ପଷ୍ଟ କାରଣ ଜଣାପଡ଼ି ନାହିଁ।

### ପୁରୀ ଏସ୍‌ପିଙ୍କ ଡେଲାଙ୍ଗ ଥାନା ପରିଦର୍ଶନ

ଡେଲାଙ୍ଗ,୯।୨(ଡି.ଏନ.ଏ)- ପୁରୀ ଏସ୍‌ପି କନୱାର ବିଶାଲ ସିଂ ମଙ୍ଗଳବାର ଡେଲାଙ୍ଗ ଥାନା ପରିଦର୍ଶନରେ ଆସିଥିଲେ। ଥାନାର ସମସ୍ତ କର୍ମଚାରୀଙ୍କୁ ଡକାଇ ପିପିଲି ନିର୍ବାଚନମଣ୍ଡଳୀର ଆଗାମୀ ଉପନିର୍ବାଚନ ଉପରେ ପୋଲିସର ଭୂମିକା ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ଏହାସହ ଅଞ୍ଚଳରେ ଚୋରାମଦ ବେପାର ଓ ୱାରେଣ୍ଟିଙ୍କୁ ଧରପଗଡ଼ କରିବା ଦିଗରେ ଡେଲାଙ୍ଗ ଆଇଆଇସି ରଶ୍ମିରଞ୍ଜନ ପଟ୍ଟନାୟକଙ୍କ ସହ ଆଲୋଚନା କରିଥିଲେ। ସେହିପରି ଡେଲାଙ୍ଗ ଅଞ୍ଚଳରେ ଗାଡ଼ି ଚେକିଂ କଡ଼ାକଡ଼ି କରିବା, ନିର୍ବାଚନ ସମୟରେ ନିରପେକ୍ଷ ଭାବେ ଗୁରୁଦାୟିତ୍ୱ ନେଇ ଶାନ୍ତିଶୃଙ୍ଖଳା ରକ୍ଷା କରିବା ସମ୍ପର୍କରେ କର୍ମଚାରୀଙ୍କୁ ପରାମର୍ଶ ଦେଇଥିଲେ। ଏପରିକି ଥାନାରେ ହୋଇଥିବା ବିଭିନ୍ନ କେସ୍‌ଗୁଡିକର କାଗଜପତ୍ର ଯାଞ୍ଚ କରିବା ସହ ଥାନା ପରିସର ସ୍ୱଚ୍ଛତା ଓ ମୋ ସରକାର ରେଜିଷ୍ଟର ଏସ୍‌ପି ଦେଖିଥିଲେ। ଏହି ସମୟରେ ଏସ୍‌ଆଇ ଲାଇକା ମହାରଣା, ରବୀନ୍ଦ୍ରନାଥ ସେଠୀ, ଏଏସ୍‌ଆଇ ଅଶୋକ କୁମାର ମହାପାତ୍ର, ହାବିଲଦାର ଲକ୍ଷ୍ମଣ ମହାପାତ୍ର, ସିପାହି ପ୍ରଶାନ୍ତ ପ୍ରଧାନ, ଜିତେନ୍ଦ୍ର ସ୍ୱାଇଁଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# ଐତିହ୍ୟ ପୀଠ ବିକାଶରେ ସାକ୍ଷୀଗୋପାଳ ମନ୍ଦିର

ସାକ୍ଷୀଗୋପାଳ,୯।୨(ଡି.ଏନ୍.ଏ.)

- ଅଁଳାନବମୀ ପର୍ବ ପାଇଁ ଅନୁଦାନ
- ରାଜପଥରେ ହେବ ତୋରଣ

ରାଜ୍ୟ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ମଙ୍ଗଳବାର ସନ୍ଧ୍ୟାରେ ସାକ୍ଷୀଗୋପାଳ ଆସି ସାକ୍ଷୀଗୋପାଳ ମନ୍ଦିର ପରିଦର୍ଶନ କରିଛନ୍ତି। ଠାକୁରଙ୍କୁ ଦର୍ଶନ କରିବା ପରେ ସାକ୍ଷୀଗୋପାଳ ସେବାୟତ ସଂଘ ପକ୍ଷରୁ ଆୟୋଜିତ ସଭାରେ ମନ୍ତ୍ରୀ ଯୋଗଦେଇ ଶ୍ରୀମନ୍ଦିର ଭଳି ପୁରାତନ ସାକ୍ଷୀଗୋପାଳ ମନ୍ଦିର ରାଜ୍ୟ ସରକାରଙ୍କ ଐତିହ୍ୟ ପୀଠ ବିକାଶ ଯୋଜନାରେ ସାମିଲ ହେବ ବୋଲି କହିଥିଲେ। ମୁଖ୍ୟ ମନ୍ଦିରର ରକ୍ଷଣାବେକ୍ଷଣ, ବେଢ଼ାରେ କନ୍ଦା ପଥର କାମ ପୂର୍ଣ୍ଣାଙ୍ଗ ସହ ଆକର୍ଷଣୀୟ ଉନ୍ନୟନ ଆଦି କାମ କରାଯିବ। ସଂସ୍କୃତି ସମ୍ପନ୍ନ ସତ୍ୟବାଦୀର ବିକାଶ ରାଜ୍ୟ ସରକାରଙ୍କର ଦାୟିତ୍ୱ ବୋଲି ସେ କହିଥିଲେ। ସେହିପରି ପୁରୀର ମୁଖଶାଳା ସଦୃଶ ସତ୍ୟବାଦୀର ପ୍ରାରମ୍ଭ ଜାତୀୟ ରାଜପଥର ପଟ୍ଟନାୟିକିଆ ଛକରେ ସୁନ୍ଦର ତୋରଣ ଜରିଆରେ ଶ୍ରଦ୍ଧାଳୁଙ୍କୁ ସାକ୍ଷୀଗୋପାଳ ମନ୍ଦିରକୁ ସ୍ୱାଗତ କରାଯିବା ସଙ୍ଗେସଙ୍ଗେ ସାକ୍ଷୀଗୋପାଳ ମନ୍ଦିରର ପ୍ରମୁଖ ପର୍ବ ଅଁଳାନବମୀ ପାଇଁ ରାଜ୍ୟ ଆଇନ ବିଭାଗ ପ୍ରତିବର୍ଷ ୨ ଲକ୍ଷ ଟଙ୍କା ଅନୁଦାନ ଯୋଗାଇ ଦିଆଯିବ ବୋଲି ବିଧାୟକ ତଥା ମନ୍ଦିର ଟ୍ରଷ୍ଟବୋର୍ଡର ସଭାପତି ଉମାକାନ୍ତ ସାମନ୍ତରାୟ ସଭାରେ ସୂଚନା ଦେଇଥିଲେ। ସାକ୍ଷୀଗୋପାଳ ରେଳ ଓଭରବ୍ରିଜ ନିର୍ମାଣ କରାଯିବା ସହ ବିସ୍ଥାପିତ ବ୍ୟବସାୟୀଙ୍କୁ ଏକ ମାର୍କେଟ କମ୍ପ୍ଲେକ୍ସରେ ଥଇଥାନ କରାଯିବା ବୋଲି ବିଧାୟକ ସମାନ୍ତରାୟ ପ୍ରତିଶ୍ରୁତି ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ସସ୍ମିତା ପ୍ରଧାନ, ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ବସନ୍ତ କୁମାର ପ୍ରଧାନ ଯୋଗଦେଇଥିଲେ। ଏହି ଅବସରରେ ମନ୍ଦିର ସେବାୟତମାନଙ୍କୁ ଅତିଥିମାନେ କୋଭିଡ୍ ସହାୟତା ବାବଦରେ ବ୍ୟାଙ୍କ ଚେକ ପ୍ରଦାନ କରିଥିଲେ। ସଂଘର ସଭାପତି ରାମଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସମ୍ପାଦକ କିଶୋର ଚନ୍ଦ୍ର ମହାପାତ୍ର ମନ୍ଦିର, ବକୁଳବନ, ସମାଧିପୀଠ, ପାଠାଗାରର ବିକାଶ ସହ ମନ୍ଦିର ନିକଟରେ ଗୋଶାଳା ସ୍ଥାପନ ଆଦି ୧୦ ଦଫା ସମ୍ବଳିତ ସ୍ମାରକପତ୍ର ଅତିଥିଙ୍କୁ ପ୍ରଦାନ କରିଥିଲେ। ସେବାୟତ ସଂଘ ସଦସ୍ୟ ଜ୍ୟୋତି ଶଙ୍କର ଖୁଣ୍ଟିଆ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସଂଘ ପରିଚାଳନା ପରିଷଦ ସଦସ୍ୟ ରାମଚନ୍ଦ୍ର ନନ୍ଦ, ଉପସଭାପତି ଅଶୋକ ଖୁଣ୍ଟିଆ, ସହ ସମ୍ପାଦକ ସଞ୍ଜୟ ନନ୍ଦ ଓ କୋଷାଧ୍ୟକ୍ଷ ଭର୍ଗୋଦେବ କୋଠାରି ପ୍ରମୁଖ ସହଯୋଗ କରିଥିଲେ।



ସମୁଦ୍ର କୂଳ ଉଠାଦୋକାନୀଙ୍କ ପକ୍ଷରୁ ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ କରାଯାଉଛି ।

# ସ୍ଥାନାନ୍ତର ନିଷ୍ପତ୍ତିକୁ ଉଠାଦୋକାନୀଙ୍କ ବିରୋଧ

ପୁରୀ ଅଫିସ,୯।୨:

ସମୁଦ୍ରକୂଳ ଉଠାଦୋକାନୀଙ୍କୁ ସ୍ଥାନାନ୍ତରଣ କରିବା ପାଇଁ ପ୍ରଶାସନ ପକ୍ଷରୁ ହୋଇଥିବା ନିଷ୍ପତ୍ତିକୁ ବିରୋଧ କରାଯାଉଛି। ଏହି ପ୍ରସଙ୍ଗରେ ଜିଲାପାଳ ସମର୍ଥ ବର୍ମାଙ୍କୁ ମା' ଦକ୍ଷିଣକାଳୀ ବ୍ୟବସାୟୀ ସଂଘର ସଦସ୍ୟମାନେ ଏକ ଦାବିପତ୍ର ଦେଇ ସ୍ଥାନାନ୍ତରଣ ରୋକିବା ପାଇଁ ଦାବି କରିଛନ୍ତି। ଦାବିପତ୍ରରେ ଉଲ୍ଲେଖ ରହିଛି ଯେ, ପୁରୀ ମ୍ୟୁନିସିପାଲିଟି ପକ୍ଷରୁ ସମ୍ପୃକ୍ତ ଉଠାଦୋକାନୀଙ୍କୁ ଭେଣ୍ଡର ପରିଚୟପତ୍ର ଦିଆଯାଇଛି। କରୋନା ସମୟରେ ରାଜ୍ୟ ସରକାରଙ୍କ ଉଠାଦୋକାନୀଙ୍କୁ ମିଳିଥିବା ଆର୍ଥିକ ସହାୟତା ମଧ୍ୟ ସେମାନଙ୍କୁ ମିଳିଛି। ସେହିଭଳି ଟିକସ ବାବଦକୁ ମ୍ୟୁନିସିପାଲିଟିକୁ ୫୬୦ ଟଙ୍କା ଲେଖାଏ ମଧ୍ୟ ପ୍ରଦାନ କରାଯାଉଛି। କରୋନାରେ ଦୀର୍ଘ ସମୟ ଧରି ଦୋକାନ ବନ୍ଦ ଥିଲା ଏବେ ଗହଳି ଧରିବା ପରେ ବେପାର ଆଶାରେ ଦୋକାନ ଖୋଲିବାକୁ ଚାହୁଁଥିବା ବେଳେ ପୌରସଂସ୍ଥା ଦୋକାନ ସ୍ଥାନାନ୍ତରଣ ପାଇଁ ନିର୍ଦ୍ଦେଶ ଦେଇଛି। ଉଠାଦୋକାନୀମାନଙ୍କର ଆର୍ଥିକ ସ୍ଥିତିକୁ ଧ୍ୟାନ ଦେଇ ସ୍ଥାନାନ୍ତରଣ ନିଷ୍ପତ୍ତିକୁ ଫେରାଇ ନିଆଯାଉ ବୋଲି ସଂଘ ପକ୍ଷରୁ ଦାବି କରାଯାଇଛି। ଦାବିପତ୍ର ଦେବା ସମୟରେ ୫୦ରୁ ଊର୍ଦ୍ଧ୍ୱ ଉଠାଦୋକାନୀ ଉପସ୍ଥିତ ଥିବା ବେଳେ ସଂଘର ସଭାପତି ଜୟପ୍ରକାଶ ନାୟକ, ଟି ଲୋକନାଥ ଓ ପି. ଭଗବାନ ରେଡ୍ଡୀ ପ୍ରମୁଖ ଉପସ୍ଥିତ ଥିଲେ।

## ପୁରୀ ବେଳାଭୂମିରେ ଏଟିଭି ପାଟ୍ରୋଲିଂ

ପୁରୀ ଅଫିସ,୯।୨:

କରୋନା କଟକଣା କୋହଳ ହେବା ପରେ ପୁରୀ ବେଳାଭୂମିରେ ସୁରକ୍ଷା ଓ ନିରାପତ୍ତାକୁ ଧ୍ୟାନରେ ରଖି ଏଟିଭି ପାଟ୍ରୋଲିଂ ଆରମ୍ଭ ହୋଇଛି। ମଙ୍ଗଳବାର ଦିଗବାରେଣୀ ଛକ ପାଖ ବେଳାଭୂମି ଓ ଅନ୍ୟ ଗହଳିପୂର୍ଣ୍ଣ ସ୍ଥାନରେ ପୁରୀ ପୋଲିସ ପକ୍ଷରୁ ଏଭଳି ପାଟ୍ରୋଲିଂ ହୋଇଛି। କୋଭିଡ୍ ଭୟ କମିବା ପରେ ପୁରୀ ବେଳାଭୂମିକୁ ପର୍ଯ୍ୟଟକଙ୍କ ଭିଡ଼ ଜୋର ଧରିଛି। ଏଭଳି ସ୍ଥିତିରେ ସୁରକ୍ଷା ବଢ଼ାଇବା ଉଦ୍ଦେଶ୍ୟରେ ଏଭଳି କରାଯାଇଛି। ପାଟ୍ରୋଲିଂ ସମୟରେ ପୋଲିସ କର୍ମୀମାନେ ପର୍ଯ୍ୟଟକଙ୍କ ସହ ଆଲୋଚନା କରୁଥିବାର ମଧ୍ୟ ଦେଖିବାକୁ ମିଳିଛି। କୌଣସି ପ୍ରକାର ସମସ୍ୟା ହେଲେ ପାଟ୍ରୋଲିଂ ଟିମ୍ ସହ ତୁରନ୍ତ ସମ୍ପର୍କ କରିବା ପାଇଁ ପୋଲିସ କର୍ମଚାରୀମାନେ ପର୍ଯ୍ୟଟକଙ୍କୁ ପରାମର୍ଶ ଦେଇଛନ୍ତି। ଉଲ୍ଲେଖଯୋଗ୍ୟ, ପୋଲିସର ଏହି ନିଷ୍ପତ୍ତି ପରେ ସବୁ ବର୍ଗର ଲୋକେ ପୁରୀ ପୋଲିସକୁ ପ୍ରଶଂସା କରିଛନ୍ତି।

# ବିଦ୍ୟୁତ୍ ସମସ୍ୟା ସମାଧାନ ନେଇ ସିପିଆଇର ଧାରଣା

କୋଣାର୍କ,୯।୨(ଡି.ଏନ୍.ଏ.)

ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ) କୋଣାର୍କ ନଗର ଶାଖା ପକ୍ଷରୁ କୋଣାର୍କ ଏନ୍‌ଏସି ସମେତ ନିକଟସ୍ଥ ଗ୍ରାମଗୁଡ଼ିକରେ ବିଦ୍ୟୁତ୍ ସମସ୍ୟାର ସ୍ଥାୟୀ ସମାଧାନ ନିମନ୍ତେ ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଏକ ଗଣଧାରଣା ଅନୁଷ୍ଠିତ ହୋଇଯାଇଛି। କୋଣାର୍କ ଏନ୍‌ଏସି ଅଧୀନ ବିଭିନ୍ନ ୱାର୍ଡକୁ ବିଦ୍ୟୁତ୍ ଯୋଗାଣ, ସୌଭାଗ୍ୟ ଯୋଜନାରୁ ବଞ୍ଚିତ ଥିବା ହିତାଧିକାରୀଙ୍କୁ ଅନ୍ତର୍ଭୁକ୍ତ କରିବା, ତ୍ରୁଟିପୂର୍ଣ୍ଣ ବିଦ୍ୟୁତ୍ ବିଲ୍ ସହ ଅନ୍ୟାନ୍ୟ ତ୍ରୁଟିପୂର୍ଣ୍ଣ ବିଲ୍‌କୁ ପ୍ରତି ୱାର୍ଡରେ ବିଭାଗୀୟ କ୍ୟାମ୍ପ କୋର୍ଟ କରାଯାଇ ସଂଶୋଧନ କରିବା, ପୁରୁଣା ବିଦ୍ୟୁତ ଖୁଣ୍ଟ ଓ ତାରକୁ ଅପସାରଣ କରାଯାଇ କେବୁଲ ମାଧ୍ୟମରେ ବିଦ୍ୟୁତ୍ ସଂଯୋଗ ଆଦି ଦାବି ନେଇ ଧାରଣା ହୋଇଥିଲା। ଏ ସମ୍ପର୍କରେ ସିପିଆଇ ପକ୍ଷରୁ ଟାଟା ପାୱାର ଅଧୀକ୍ଷଣ ଯନ୍ତ୍ରୀ, ସହକାରୀ ନିର୍ବାହୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ ଆଦିଙ୍କୁ ବିଦ୍ୟୁତ୍ ସମସ୍ୟାର ସ୍ଥାୟୀ ସମାଧାନ ନିମନ୍ତେ ଲିଖିତ ଅଭିଯୋଗ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଟାଟା ପାୱାର ସହକାରୀ ନିର୍ବାହୀ ଯନ୍ତ୍ରୀ ରାକେଶ ପଟ୍ଟନାୟକ ଧାରଣାକାରୀଙ୍କ ନିକଟକୁ ଆସି ଦାବିପତ୍ର ଗ୍ରହଣ କରିବା ସହ ଖୁବଶୀଘ୍ର ଦାବିଗୁଡ଼ିକ ପୂରଣ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଧାରଣାରେ ପୁରୀ ଜିଲା ସିପିଆଇ ସମ୍ପାଦକ ପ୍ରଦୀପ୍ତ କୁମାର ମହାନ୍ତି, ପୂର୍ବତନ କାଉନସିଲର ସୁକାନ୍ତ ମହାନ୍ତି, ଗୋଲେଖ ନାୟକ, ମନୋରଞ୍ଜନ ପରିଡ଼ା, ପ୍ରସନ୍ନ ଦାସ, ନବଘନ ମୁଦୁଲି, ଅତିଶ ସେଠୀଙ୍କ ସମେତ ଶତାଧିକ କର୍ମୀ ଯୋଗଦେଇଥିଲେ।



ସିପିଆଇ ପକ୍ଷରୁ ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଦିଆଯାଇଥିବା ଧାରଣା ।

# 'ପୋଲିସ-ଜନତାଙ୍କ ମଧ୍ୟରେ ସୁସମ୍ପର୍କ ଆବଶ୍ୟକ'

ନିମାପଡ଼ା,୯।୨(ଡି.ଏନ୍.ଏ.)

ନିମାପଡ଼ା ଥାନା ଆମ ପୋଲିସ ସମିତି ପକ୍ଷରୁ ଆମ ପୋଲିସ କାର୍ଯ୍ୟକ୍ରମ ସ୍ଥାନୀୟ ଏକ ମଣ୍ଡପରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ସମାରୋହରେ ଅତିଥି ଭାବେ ପୁରୀ ଏସ୍‌ପି କନୱର ବିଶାଲ ସିଂ, ଏସ୍‌ଡିପିଓ ପ୍ରଦୀପ କୁମାର ଦଳେଇ, ନିମାପଡ଼ା ଥାନା ଆଇଆଇସି ଜନାର୍ଦ୍ଦନ ପାଢ଼ୀ, ଅଧ୍ୟାପକ ଜଗତ ପ୍ରସାଦ ସାବୁତ ପ୍ରମୁଖ ଯୋଗଦେଇଥିଲେ। ପୋଲିସ ଲୋକଙ୍କ ବନ୍ଧୁ ଅଟେ। ତେଣୁ ପୋଲିସ- ଜନତାଙ୍କ ମଧ୍ୟରେ ସୁସମ୍ପର୍କ ରହିବା ଆବଶ୍ୟକ। ଅପରାଧ ନିୟନ୍ତ୍ରଣ ସମେତ ବିଭିନ୍ନ କାର୍ଯ୍ୟରେ ଜନସାଧାରଣ ପୋଲିସକୁ ସାହାଯ୍ୟ କରିବା ଦରକାର ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ନିମାପଡ଼ା ପୋଲିସ ଉପଖଣ୍ଡ ଅଞ୍ଚଳରେ ଅପରାଧ ନିୟନ୍ତ୍ରଣ, ମଦ୍ୟପ, ଅମାନିଆଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା, ପୋଲିସ ପାଟ୍ରୋଲିଂ ବ୍ୟବସ୍ଥାକୁ ଅଧିକ ତ୍ୱରାନ୍ୱିତ କରିବାକୁ ପୁରୀ ଏସ୍‌ପି ସିଂ କହିଛନ୍ତି। ସମାରୋହରେ ଗୋପ ଥାନା ଆଇଆଇସି ଉପେନ୍ଦ୍ର ପ୍ରଧାନ, କୋଣାର୍କ ଆଇଆଇସି ରଶ୍ମିରଞ୍ଜନ ମଲ୍ଲିକ, ରାମଚଣ୍ଡୀ ଆଇଆଇସି ଶରତଚନ୍ଦ୍ର ନାୟକ, ଚନ୍ଦ୍ରଭାଗା ମେରାଇନ ଥାନା ଆଇଆଇସି ନୀଳିମା ପଟ୍ଟନାୟକ, କାକଟପୁର ଆଇଆଇସି ସୁଶାନ୍ତ ସାହୁ, ଅସ୍ତରଙ୍ଗ ଆଇଆଇସି ବାମଦେବ ନନ୍ଦ, ଅସ୍ତରଙ୍ଗ ମେରାଇନ ଆଇଆଇସି ପ୍ରିୟରଞ୍ଜନ ନାୟକଙ୍କ ସମେତ ବହୁ ଅଧ୍ୟାପକ, ଶିକ୍ଷକ, ବୁଦ୍ଧିଜୀବୀ, ସରପଞ୍ଚ, ସମିତିସଭ୍ୟ, ବ୍ୟବସାୟୀ ଯୋଗଦେଇଥିଲେ। ଏହି ଅବସରରେ ପୋଲିସ ସମିତି ପକ୍ଷରୁ ରକ୍ତଦାନ ଶିବିର କରାଯାଇଥିଲା। ଏଥିରେ ୬୮ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା।

# କ୍ରିକେଟ: ଗଇଣ୍ଡୋଳ କ୍ଲବ ଚାମ୍ପିୟନ

ଗୋପ,୯।୨(ଡି.ଏନ୍.ଏ.)

ଗୋପ ଅଞ୍ଚଳର ଆଳଶଙ୍ଖାସ୍ଥିତ ଖେଳପଡ଼ିଆରେ ୨ଦିନ ଧରି ଚାଲିଥିବା ଦିବାରାତ୍ର କ୍ରିକେଟ ଟୁର୍ନାମେଣ୍ଟ ସୋମବାର ବିଳମ୍ବିତ ରାତିରେ ଉଦ୍‌ଯାପିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟରେ ୮ଟି ଦଳ ଭାଗନେଇଥିଲେ। ଫାଇନାଲ ମ୍ୟାଚରେ ଗଇଣ୍ଡୋଳ କ୍ରିକେଟ କ୍ଲବ ପୋଡ଼ତରା କ୍ଲବକୁ ମାତ୍ର ଗୋଟିଏ ରନରେ ହରାଇ ଚଳିତବର୍ଷ ଚାମ୍ପିୟନ ହୋଇଛି। ଟସ୍ ଜିତି ପ୍ରଥମେ ପୋଡତରା କ୍ଲବ ସମସ୍ତ ଉଇକେଟ ହରାଇ ୧୫୦ ରନ କରିଥିଲା। ଜବାବରେ ଗଇଣ୍ଡୋଳ କ୍ଲବ ଶେଷ ଓଭର୍‌ରେ ଗୋଟିଏ ବଲ ବାକି ଥାଇ ୧୫୧ ରନ କରି ବିଜୟୀ ହୋଇଥିଲା। ଉଦ୍‌ଯାପନୀ ମ୍ୟାଚରେ ସ୍ଥାନୀୟ ଅଞ୍ଚଳର ପ୍ରଧାନ ଶିକ୍ଷକ ଦେବେନ୍ଦ୍ର କାଣ୍ଡି ଯୋଗଦେଇ ଚାମ୍ପିୟନ ଦଳକୁ ନଗଦ ୭ ହଜାର ଟଙ୍କା ସହ ଚାମ୍ପିୟନ ଟ୍ରଫି ପ୍ରଦାନ କରିଥିବା ବେଳେ ରନର୍ସ ଅପ ଦଳକୁ ୪ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। ଟୁର୍ନାମେଣ୍ଟକୁ ଜଳନ୍ଧର କାଣ୍ଡି, ଶଙ୍କର୍ଷଣ ଦାସ ପରିଚାଳନା କରିଥିଲେ।



## ଘରେ ପଶୁଛି ନଳାପାଣି

ପୁରୀ ଅଫିସ,୯।୨: ୨୫ ନମ୍ବର ୱାର୍ଡ ଗୋରାକବର ସାହିରେ ସ୍ୱେରେଜ ଟାଙ୍କିରୁ ପାଣି ଲିକ୍ ହୋଇ ନଳା ପାଣି ଲୋକଙ୍କ ଘରେ ପଶୁଛି। ଏନେଇ ବାରମ୍ବାର ଅଭିଯୋଗ ହୋଇଥିଲେ ମଧ୍ୟ ବିଭାଗ ପକ୍ଷରୁ କୌଣସି ସମାଧାନ ହୋଇ ପାରିନାହିଁ ବୋଲି ସ୍ଥାନୀୟ ବାସିନ୍ଦା ପୂର୍ଣ୍ଣଚନ୍ଦ୍ର ପାଇକରାୟ କହିଛନ୍ତି। ଏହି ସମସ୍ୟା ପାଖାପାଖି ବର୍ଷେ ହେବ ଲାଗିରହିଥିବାବେଳେ ଚାଲିବା ମଧ୍ୟ କଷ୍ଟକର ହୋପଡୁଛି। ସ୍ଥାନୀୟ ବାସିନ୍ଦାଙ୍କ ପକ୍ଷରୁ ପ୍ରତିଦିନ ଜଳ ଯୋଗାଣ ବିଭାଗ ନିକଟରେ ଅଭିଯୋଗ ହେଉଥିଲେ ମଧ୍ୟ ପୌରାଞ୍ଚଳ ଆଗ୍ରହ ଦେଖାଇ ନ ଥିବା ପାଇକରାୟ କହିଛନ୍ତି। ଏ ନେଇ ପୌରାଞ୍ଚଳ ନିର୍ବାହୀ ଅଧିକାରୀ ବିଜୟ କୁମାର ମିଶ୍ର କହିଛନ୍ତି, ଅଭିଯୋଗ ଆସିବା ପରେ ଜଳ ଯୋଗାଣ ବିଭାଗ ଯନ୍ତ୍ରୀଙ୍କୁ ସୂଚନା ଦିଆସରିଛି।

# ଭଲିବଲ, ବିଶାଖାପାଟଣା ଟିମ୍ ଚାମ୍ପିୟନ

କଣାସ,୯।୨(ସ୍ୱ.ପ୍ର./ଡି.ଏନ୍.ଏ.)

କଣାସ ବ୍ଲକ ଅନ୍ତର୍ଗତ କଣାସ ଗୋଲା ବଜାରସ୍ଥିତ ଖେଳପଡ଼ିଆରେ ଆଞ୍ଚଳିକ କ୍ରୀଡ଼ା ଓ ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ୯ମ ବାର୍ଷିକ ସର୍ବଭାରତୀୟ ଦିବାରାତ୍ର ଭଲିବଲ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ବିଶାଖାପାଟଣାର ଭାଇଜାଗ ଟିମ ୨-୧ ପଏଣ୍ଟରେ ହରିୟାନାର ହରିୟାନା ଟିମ୍‌ଠାରୁ ଚଳିତବର୍ଷର ଚାମ୍ପିୟନ ହୋଇଛି। ପ୍ରଥମ ରାଉଣ୍ଡରେ ଭାଇଜାଗ ଟିମ ୨ ପଏଣ୍ଟ କରିଥିବାବେଳେ ଦ୍ୱିତୀୟ ରାଉଣ୍ଡରେ ହରିୟାନା ଟିମ ୧ ପଏଣ୍ଟ କରି ପରାସ୍ତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ଯୋଗଦେଇ ଚାମ୍ପିୟନ ଦଳକୁ ଚାମ୍ପିୟନ ଟ୍ରଫି ଓ ରନର୍ସ ଅପ ଦଳକୁ ଟ୍ରଫି ସହ ମାନପତ୍ର ପ୍ରଦାନ କରିଥିଲେ। ଅନ୍ୟ ଅତିଥିଭାବେ ବିଧାୟକ ଉମାକାନ୍ତ ସାମନ୍ତରାୟ, ସାମାଜିକ କର୍ମୀ ସୁବର୍ଣ୍ଣକେଶରୀ ବଳିୟାରସିଂହ, ଅଧ୍ୟାପକ ଶଶାଙ୍କ ଶେଖର ଚୂଡ଼ାମଣି, ପଞ୍ଚାୟତ ସମିତି ଅଧ୍ୟକ୍ଷ ସାଗର ବେହେରା, ପରିଷଦ ସଭାପତି ସଞ୍ଜୟ ଛୁଆଳ ସିଂ, ସମ୍ପାଦକ ମନୋରଞ୍ଜନ ସୁନ୍ଦରାୟ, ବଳରାମ ପଲାଇ ପ୍ରମୁଖ ଯୋଗଦେଇଥିଲେ। ଜାତୀୟ ସ୍ତରର ରେଫରୀ ବୀରବର ଭଞ୍ଜ, ଶ୍ରୀକାନ୍ତ ନାୟକ, ତ୍ରିଲୋଚନ ଦାସ, ପ୍ରଭାସ ସାହୁ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ବଟକୃଷ୍ଣ ଜେନା ଖେଳର ସମସ୍ତ ଦାୟିତ୍ୱ ତୁଲାଇଥିଲେ। ମଞ୍ଚ ସଞ୍ଚାଳନା କ୍ରୀଡ଼ା ଶିକ୍ଷକ ସୂର୍ଯ୍ୟନାରାୟଣ ଜେନା ଓ ରମାକାନ୍ତ ପ୍ରଧାନ କରିଥିଲେ ।



ଚାମ୍ପିୟନ ଦଳକୁ ଅତିଥିମାନେ ପୁରସ୍କୃତ କରୁଛନ୍ତି ।

## ୧୯୯୫ ବ୍ୟାଚ୍‌ର ବନ୍ଧୁମିଳନ



ପୁରୀ ଅଫିସ,୯।୨: ୧୯୯୫ ବ୍ୟାଚ୍ ମ୍ୟୁନିସିପାଲ ହାଇସ୍କୁଲର ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ସ୍ଥାନୀୟ ଶଙ୍କରେଶ୍ୱର ମନ୍ଦିରରେ ଏହି କାର୍ଯ୍ୟକ୍ରମ ହୋଇଥିବା ବେଳେ ଛାତ୍ରୀଛାତ୍ରଙ୍କ ସହ ପୂର୍ବତନ ଶିକ୍ଷକ-ଶିକ୍ଷୟିତ୍ରୀମାନେ ମଧ୍ୟ ଯୋଗଦେଇଛନ୍ତି। ଏଥିରେ ସମସ୍ତେ ପୁରାତନ ସ୍ମୃତି ସାଉଁଟିଥିଲେ। ସ୍କୁଲର ସର୍ବାଙ୍ଗୀନ ବିକାଶ ନେଇ ପୂର୍ବତନ ଛାତ୍ରୀଛାତ୍ରମାନେ ସବୁ ପ୍ରକାର ସହଯୋଗ କରିବା ପାଇଁ ବୈଠକରେ ନିଷ୍ପତ୍ତି ନେଇଛନ୍ତି। ଏହି କାର୍ଯ୍ୟକ୍ରମରେ ରାଜକିଶୋର ପଣ୍ଡା, କୃଷ୍ଣଚନ୍ଦ୍ର ରଣା, ବିଜୟ କୁମାର ସାମନ୍ତରାୟ, ବକ୍ସୀ ଗଙ୍ଗାଧର ପ୍ରତିହାରୀ ଓ ଚିତ୍ତରଞ୍ଜନ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ସୁଶୀଲ



@ ଅଜୟ



@ ମାନସ



@ ପିନୁ



@ ସମିମ୍



@ ରୋଜାଲିନ



@ ସାଗର